# ବିନା ହିଂସାରେ ବନ୍ଦ ପାଳନ

**ବ୍ରହ୍ମପୁର ଅଫିସ୍,୧୦।୯**

ତୈଳ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ଏବଂ ବାମ ଦଳଗୁଡ଼ିକ ପକ୍ଷରୁ ସୋମବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ବ୍ରହ୍ମପୁର ସହରରେ ଏହାର ପ୍ରଭାବ ଦେଖିବାକୁ ମିଳିଛି । ସରକାରୀ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ ଏବଂ ବସ୍ ଚଳାଚଳ ମଧ୍ୟ ବନ୍ଦ ଥିଲା । ପୂର୍ବରୁ କଂଗ୍ରେସ ତରଫରୁ ବନ୍ଦ ଡାକରା ବେଳେ ବ୍ୟାପକ ହିଂସାକାଣ୍ଡ ଦେଖାଯାଉଥିଲା । କିନ୍ତୁ ଚଳିତ ଥର କୌଣସି ହିଂସା କିମ୍ବା ବିଶୃଙ୍ଖଳା ଦେଖିବାକୁ ମିଳି ନ ଥିଲା ।

ସକାଳୁ କଂଗ୍ରେସ ଏବଂ ବାମଦଳର ନେତା ଏବଂ କର୍ମୀମାନେ ବ୍ରହ୍ମପୁର ଷ୍ଟେସନ୍‌ରେ ପହଞ୍ଚି ରେଳରୋକୋ କରିଥିଲେ । ସକାଳ ୬ଟା ୨୦ମିନିଟ୍‌ରୁ ୮ଟା ପର୍ଯ୍ୟନ୍ତ ରେଳ ଅଟକି ରହିଥିଲା । ଫଳରେ ୧ ନମ୍ବର ପ୍ଲାଟଫର୍ମରେ ତିରୁପତି-ଭୁବନେଶ୍ୱର ଏବଂ ୨ ନଂ. ପ୍ଲାଟଫର୍ମରେ ହାଓଡ଼ା-ଯଶୋବନ୍ତପୁର ଟ୍ରେନ୍ ଅଟକି ରହିଥିଲା । ଟ୍ରେନ୍ ସମ୍ମୁଖରେ ଠିଆ ହୋଇ କର୍ମୀ ଓ ନେତାମାନେ ସ୍ଲୋଗାନ୍ ଦେଇଥିଲେ। ନିୟମିତ ତୈଳଦର ବୃଦ୍ଧି ପାଉଥିବା ଯୋଗୁ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି । ଏବେ ପୁଣି ରନ୍ଧନ ଗ୍ୟାସ୍ ଦର ମଧ୍ୟ ବଢ଼ିଛି । ଫଳରେ ଘର ଚଳାଇବା ମଧ୍ୟ କଷ୍ଟ ହେଲାଣି । ଅନ୍ତର୍ଜାତୀୟ ବଜାରରେ ତୈଳ ଦର ହ୍ରାସ ହେଉଥିବା ବେଳେ ଭାରତରେ ଦାମ୍ ବଢୁଛି । କେନ୍ଦ୍ର ସରକାର ଚଢ଼ା ଦରରେ ତେଲ ବିକ୍ରି କରି ନିର୍ବାଚନ ପାଇଁ ପାଣ୍ଠି ସଂଗ୍ରହ କରୁଛନ୍ତି। 'ଅଚ୍ଛେ ଦିନ'ର ସ୍ଲୋଗାନ୍ ଦେଇ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହୋଇଛନ୍ତି । କିନ୍ତୁ ଗାଦି ହାସଲ ପରେ ସାଧାରଣ ଜନତାଙ୍କ 'ଅଚ୍ଛେ ଦିନ' ଆଣିବା ବଦଳରେ ପୁଞ୍ଜିପତି ସାଙ୍ଗମାନଙ୍କୁ ସେମାନଙ୍କ ବ୍ୟବସାୟ ବଢ଼ାଇବାକୁ ସାହାଯ୍ୟ କରୁଛନ୍ତି । ରାଫେଲ୍ ଦୁର୍ନୀତିଠାରୁ ଆରମ୍ଭ କରି ବ୍ୟାଙ୍କଗୁଡ଼ିକରେ ବଢୁଥିବା ଅନାଦାୟ ଋଣ ପରିମାଣ ଏହାର ପ୍ରମାଣ । ମୋଦି ସରକାର ତୁରନ୍ତ ଗାଦି ଛାଡ଼ନ୍ତୁ ବୋଲି ନେତାମାନେ ସ୍ଲୋଗାନ୍ ଦେଇଥିଲେ ।



କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି ।

ଦୀର୍ଘ ସମୟ ଯାଏ ଆନ୍ଦୋଳନ ଚାଲିବା ପରେ ରେଳରୋକୋ ହଟିଥିଲା । ହାଓଡ଼ା-ଯଶୋବନ୍ତପୁର ଏକ୍ସପ୍ରେସ୍ ୬ଟା ୧୧ରୁ ୭ଟା ୨୨ମିନିଟ୍ ଏବଂ ତିରୁପତି-ଭୁବନେଶ୍ୱର ଏକ୍ସପ୍ରେସ୍ ସକାଳ ୬ଟା ୪୩ରୁ ୮ଟା ଏକ ମିନିଟ୍ ଯାଏ ଅଟକିବା ପରେ ଷ୍ଟେଶନ୍ ଛାଡ଼ିଥିଲା । ମେମୁ ଟ୍ରେନ୍ ୭ଟା ୩୦ବଦଳରେ ୯ଟା ୫ମିନିଟ୍‌ରେ ବ୍ରହ୍ମପୁର ଷ୍ଟେଶନ୍‌ରୁ ବାହାରିଥିଲା । ଏହା ପରେ କଂଗ୍ରେସ କର୍ମୀମାନେ ବାପୁଜୀ ଆଶ୍ରମରେ ଏକାଠି ହୋଇଥିଲେ। ଜିଲା କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଏବଂ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଛକରେ ଟାୟାର୍ ଜାଳି ରାସ୍ତାରୋକୋ ଏବଂ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରୁ ବାଇକ୍ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ବିଭିନ୍ନ ସରକାରୀ କାର୍ଯ୍ୟାଳୟ ମଧ ବନ୍ଦ କରିଥିଲେ । ଅନ୍ୟପଟେ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ହିଂସା ଭୟରେ ସ୍ୱତଃପ୍ରବୃତ୍ତ ବନ୍ଦ ରହିଥିଲା। କଂଗ୍ରେସ କର୍ମୀମାନେ ବିଭିନ୍ନ ସ୍ଥାନରେ ଟାୟାର୍ ଜାଳି ରାସ୍ତା ଅବରୋଧ କରିଥିଲେ । ସେହିଭଳି ବିଭିନ୍ନ ବାମ ଦଳ ଯଥା ସିପିଆଇ(ଏମ୍), ସିପିଆଇ, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) କର୍ମୀମାନେ ସହର ସାରା ବୁଲି ପିକେଟିଂ କରିଥିଲେ। ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା କରି ତୈଳ ଦର ବୃଦ୍ଧିକୁ ବିରୋଧ କରିବା ସହ କେନ୍ଦ୍ରର ମୋଦି ସରକାରକୁ ସମାଲୋଚନା କରିଥିଲେ ।

ଗଞ୍ଜାମ ଜିଲା କଂଗ୍ରେସ କମିଟି ସଭାପତି ତ୍ରିନାଥ ବେହେରାଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା ଏବଂ ଦୀପକ ପଟ୍ଟନାୟକ, ନଗର କଂଗ୍ରେସ ସଭାପତି ପ୍ରମୋଦ ଜେନା, ବ୍ରହ୍ମପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ବିଶ୍ୱଜିତ ପାତ୍ର, କୃଷକ ସେଲ୍ ଅଧ୍ୟକ୍ଷ ବୃନ୍ଦାବନ ଖଟାଇ, ଛାତ୍ର କଂଗ୍ରେସ ଅବାହକ ବିଜୟରାଜ୍ ପାଣିଗ୍ରାହୀ, ପ୍ରମିତ ରଞ୍ଜନ ମହାପାତ୍ର, ପିଣ୍ଟୁ ଜେନା, ସୁନୀଲ ମହାଙ୍କୁଡ଼, ଆର୍. କାଶୀ, ସୁରେଶ ବେହେରା ଏବଂ ଜଗନ୍ନାଥ ପଲାଇଙ୍କ ସମେତ କଂଗ୍ରେସ, ଯୁବ କଂଗ୍ରେସ ଏବଂ ଛାତ୍ର କଂଗ୍ରେସର ବହୁ କର୍ମକର୍ତ୍ତା ଏଥିରେ ସାମିଲ୍ ହୋଇଥିଲେ । ସେହିଭଳି ବାମ ଦଳଗୁଡ଼ିକର ନେତୃତ୍ୱ ନେଇଥିଲେ ସିପିଆଇ(ଏମ୍) ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ବସନ୍ତ ନନ୍ଦ, ସିଟୁ ସମ୍ପାଦକ ଯୁଧିଷ୍ଠିର ବେହେରା, ସିପିଆଇ ଜିଲା ସଭାପତି ପ୍ରକାଶ ପାତ୍ର, ଏଆଇଟିୟୁସି ଜିଲା ସଭାପତି ପ୍ରଶାନ୍ତ ପାଟ୍ଟଯୋଶୀ, ଏଆଇଏସ୍‌ଏଫ୍‌ର ଜିଲା ସଭାପତି କାମଦେବ ନାହାକ, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ଜିଲା ସଭାପତି ସୋମନାଥ ବେହେରା ଏବଂ ଏଆଇଡିଏସ୍‌ଓର ଜିଲା ସଭାପତି ଶିବାନୀ ଶଙ୍କର ମିଶ୍ର ପ୍ରମୁଖ ।

## ପେଟ୍ରୋଲ୍ ଲିଟର ଶହେ ଟଙ୍କା

ଗୋଟିଏ ପଟେ ପେଟ୍ରୋଲ୍ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ତରଫରୁ ଭାରତ ବନ୍ଦ ଡାକରା ଦିଆଯାଇଥିବା ବେଳେ ଅନ୍ୟପଟେ ଚଢ଼ା ଦରରେ ପେଟ୍ରୋଲ୍ ବିକ୍ରି ହୋଇଥିଲା । ଘଟଣା ହେଲା, ଭାରତ ବନ୍ଦ ଡାକରା ଯୋଗୁ ପେଟ୍ରୋଲ୍ ପମ୍ପଗୁଡ଼ିକ ବନ୍ଦ ରହିଥିଲା । ଏହାର ଫାଇଦା ନେଇ ପମ୍ପାଗୁଡ଼ିକ ସମ୍ମୁଖରେ କେତେଜଣ କଳାବଜାରକାରୀ ପେଟ୍ରୋଲ୍ ଦୋକାନ ଖୋଲି ଦେଇଥିଲେ । ସେମାନେ ଲିଟର ପିଛା ୧୦୦ଟଙ୍କାରେ ପେଟ୍ରୋଲ୍ ବିକ୍ରି କରିଥିଲେ ।

## ୪ହଜାର ବିଦ୍ୟାଳୟରେ ତାଲା

ବନ୍ଦ ଡାକରା ଯୋଗୁ ବିଶୃଙ୍ଖଳା ଭୟରେ ରାଜ୍ୟ ସରକାର ସମସ୍ତ ବିଦ୍ୟାଳୟ ସୋମବାର ବନ୍ଦ ପାଇଁ ଘୋଷଣା କରିଥିଲେ। ଫଳରେ ଗଞ୍ଜାମ ଜିଲାର ୪ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାଳୟରେ ତାଲା ଝୁଲୁଥିଲା ।

## ବିଏମ୍‌ସି ବୈଠକ ବାତିଲ୍

ବ୍ରହ୍ମପୁରମହାନଗରନିଗମରକାଉନସିଲ୍‌ବୈଠକସୋମବାରଅନୁଷ୍ଠିତହେବାରଥିଲା। ଆଉ ଅଳ୍ପ ଦିନ ପରେ ପୌର ନିର୍ବାଚନ ଘୋଷଣା ହେବାକୁ ଥିବା ଯୋଗୁ ଏହି ବୈଠକର ଗୁରୁତ୍ୱ ରହିଥିଲା। କିନ୍ତୁ କଂଗ୍ରେସର ବନ୍ଦ ଡାକରା ଯୋଗୁ ସୋମବାରର ବୈଠକ ବାତିଲ୍ ହୋଇଯାଇଛି। ମଙ୍ଗଳବାର ଅପରାହ୍ନରେ ବୈଠକ ଅନୁଷ୍ଠିତ ହେବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି ।

## 'ଆହାର'ରେ ମିଳିଲାନି ଆହାର

ପାଞ୍ଚ ଟଙ୍କାରେ ଖାଇବାକୁ ମିଳୁଥିବା 'ଆହାର' କେନ୍ଦ୍ର କେବଳ ରବିବାର ବନ୍ଦ ରହିଥାଏ । କିନ୍ତୁ ସୋମବାର ଭାରତ ବନ୍ଦ ଡାକରା ଯୋଗୁ 'ଆହାର' କେନ୍ଦ୍ରଗୁଡ଼ିକ ବନ୍ଦ ରହିଥିଲା । ବ୍ରହ୍ମପୁରରେ ଥିବା ସମସ୍ତ ୭ ଯାକ 'ଆହାର' କେନ୍ଦ୍ର ବନ୍ଦ ରହିଥିବା ଯୋଗୁ ଲୋକଙ୍କୁ ଆହାର ମିଳି ନ ଥିଲା । ଲୋକମାନେ ଖାଦ୍ୟ ପାଇଁ ହଇରାଣ ହୋଇଥିଲେ ।


ଆହାର କେନ୍ଦ୍ର ବନ୍ଦ ରହିଛି ।

## ସଂକ୍ଷେପରେ

### ଗଞ୍ଜାମ ବାର୍ ଆସୋସିଏଶନ ବୈଠକ

**ବ୍ରହ୍ମପୁର ଅଫିସ, ୧୦।୯:** ଗଞ୍ଜାମ ବାର୍ ଆସୋସିଏଶନର ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘ ସଦସ୍ୟ ତଥା ଆଇନଜୀବୀ ଟି.ଦୁର୍ଯ୍ୟୋଧନ ରେଡ୍ଡୀ(୪୯)ଙ୍କ ବିୟୋଗରେ ଓକିଲ ସଂଘ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଦୁର୍ଯ୍ୟୋଧନ ଗତ କିଛି ଦିନ ହେଲା ହୃଦ୍‌ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ । ସୋମବାର ଭୋର୍‌ରେ ନିଜ ବାସଭବନରେ ପରଲୋକ ହୋଇଛି। ଆତ୍ମାର ସଦ୍‌ଗତି ନିମନ୍ତେ ସମସ୍ତ ଆଇନଜୀବୀ ୨ ମିନଟ୍ ନୀରବ ପ୍ରାର୍ଥନା କରିବା ସହିତ ଗୋଟିଏ ଦିନ କାର୍ଯ୍ୟ ବନ୍ଦ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସେହିପରି ହାଇକୋର୍ଟର ଜଣେ ଆଇନଜୀବୀଙ୍କ ଉପରେ ପୋଲିସର ଅମାନୁସିକ ମାଡ ମାରିବା ଘଟଣାର ପ୍ରତିବାଦ କରି ଆଇନଜୀବୀଙ୍କୁ ସମର୍ଥନ ଜଣାଇ ୧୨ ତାରିଖ ଯାଏ କାର୍ଯ୍ୟ ବନ୍ଦ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଜଣାପଡିଛି । ସଭାପତି ମୋହନ ସିଙ୍ଗାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ, ଉପସଭାପତି ରବୀନ୍ଦ୍ର କୁମାର ଦେଓ, ଯୁଗ୍ମ ସମ୍ପାଦକ ବାପୁଜୀ କୁମାର ପଟ୍ଟନାୟକ ପ୍ରମୁଖଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ ।



### ହରିକୃଷ୍ଣ ନଗର ଉନ୍ନୟନ କମିଟିର ନୂଆ କର୍ମକର୍ତ୍ତା

**ବ୍ରହ୍ମପୁର ଅଫିସ,୧୦।୯:** ସ୍ଥାନୀୟ ହରିକୃଷ୍ଣ ନଗର ଉନ୍ନୟନ କମିଟିର ଆସନ୍ତା ୨ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ସର୍ବସମ୍ମତିକ୍ରମେ ସଭାପତି ଭାବେ କେ. ବିଶ୍ୱେଶ୍ୱର ରାଓ, ଉପସଭାପତି ରମେଶ ଚନ୍ଦ୍ର ବେହେରା ଓ ନିରଞ୍ଜନ ସାବତ, ସାଧାରଣ ସମ୍ପାଦକ ଅଶୋକ ଦାଶ, କୋଷାଧକ୍ଷ କେ. କାମେଶ୍ୱର ରାଓ, ଯୁଗ୍ମ ସମ୍ପାଦକ ଭାବେ ଟି. ସତ୍ୟ ନାରାୟଣ ସୁବୁଦ୍ଧି, କିରଣ କୁମାର ମିଶ୍ର, ପ୍ରସାଦ ରଥ, ପି. ବର୍ମା, କେ. ଚନ୍ଦ୍ରଶେଖର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରସନ୍ନ କୁମାର ଦାଶ, ସାରଥି ସେଠୀ ନିର୍ବାଚିତ ହୋଇଥିଲେ। ଏହା ସହ ୧୯ ଜଣିଆ କାର୍ଯ୍ୟକାରୀ କମିଟି ସଦସ୍ୟ ଏବଂ ୬ ଜଣିଆ ଉପଦେଷ୍ଟା ମଣ୍ଡଳୀ ନିର୍ବାଚିତ ହୋଇଛନ୍ତି ।
ବୈଠକର ଅବ୍ୟବହିତ ପୂର୍ବରୁ କେରଳ ବନ୍ୟା ବିପନ୍ନଙ୍କ ଉଦ୍ଦେଶ୍ୟରେ ୫ ହଜାର ଟଙ୍କା ଅନୁଦାନ କେରଳ ମୁଖ୍ୟମନ୍ତ୍ରୀଙ୍କ ବିପନ୍ନ ପାଣ୍ଠିକୁ ପ୍ରେରଣ କରାଯାଇଥିଲା ।

### କୁଶଳ ସ୍ୱଦେଶ ପ୍ରତିଷ୍ଠାନର ସ୍ୱାସ୍ଥ୍ୟ ସାହିତ୍ୟ ଆସର

**ବ୍ରହ୍ମପୁର ଅଫିସ, ୧୦।୯:** ସ୍ଥାନୀୟ ଉତ୍କଳ ଆଶ୍ରମସ୍ଥିତ କୁଶଳ ସ୍ୱଦେଶ ପ୍ରତିଷ୍ଠାନରେ ସ୍ୱାସ୍ଥ୍ୟ ସାହିତ୍ୟ ଆସର ରବିବାର ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ସ୍ୱାସ୍ଥ୍ୟ ପରାମର୍ଶଦାତ୍ରୀ ସରିତା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସାହିତ୍ୟିକ ଡା. ଚନ୍ଦ୍ରମଣି ସ୍ୱାଇଁ, ପ୍ରମୋଦ କୁମାର ପଣ୍ଡା, ବରିଷ୍ଠ ଆଇନଜୀବୀ ଲଳିତ ମୋହନ ପାଢ଼ୀ, ଅଜିତ କୁମାର ମହାପାତ୍ର, ଶିକ୍ଷାବିତ ଚିତ୍ତରଞ୍ଜନ ପଣ୍ଡା, ସାମାଜିକ କର୍ମୀ ନଳିନୀକାନ୍ତ ପଣିଗ୍ରାହୀ, ଡା. ରାମକୃଷ୍ଣ ସାହୁ, ଡା. ରାଜେନ୍ଦ୍ର ହୋତା, ଲେଖିକା ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ତ୍ରିପତି ପ୍ରସାଦ ହୋତା, ଆଇନଜୀବୀ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ସାହିତ୍ୟିକ ସୁଶାନ୍ତ କୁମାର କର, ପୁଷ୍ପାଞ୍ଜଳି ପଟ୍ଟନାୟକ, ଜୟନ୍ତୀଲାଲ ଏନ. ଚୌହାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଜୀବନରେ ଖୁସିରେ ରହିବାକୁ ହେଲେ ଶାରୀରିକ ଓ ମାନସିକସ୍ତରରେ ସୁସ୍ଥ ରହିବା ଜରୁରୀ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ ।
ପ୍ରତିଷ୍ଠାନ ଅଧକ୍ଷ ଡ. ଦେବାଶିଷ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ । ମନୁ ମହାଙ୍କୁଡ ଓ ମହେଶ୍ୱର ଗୌଡଙ୍କ ସମେତ ପ୍ରତିଷ୍ଠାନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବ୍ରହ୍ମପୁରରେ ସବୁଠୁ ବଡ଼ ଗଣେଶ ମୂର୍ତ୍ତି

**ବ୍ରହ୍ମପୁର ଅଫିସ୍,୧୦।୯**

**ରେକର୍ଡ଼ ସୃଷ୍ଟି କରିବ ଅଶୋକନଗର ଯୁବ ସଂଘ**

**■ଲାଲ୍‌ବାଗ୍ଚା ରାଜା ଆକୃତିର ଉଚ୍ଚତା ୨୫ଫୁଟ**

ଆଉ ମାତ୍ର ଦୁଇ ଦିନ ପରେ ପୂଜା ପାଇବେ ବିଦ୍ୟାଦାତା । ଏହାକୁ ନେଇ ଏବେ ସବୁଆଡ଼େ ଉତ୍ସାହ । ବ୍ରହ୍ମପୁର ସହରର ବିଭିନ୍ନ ପୂଜା କମିଟି ତରଫରୁ ନିର୍ମାଣ ଚାଲିଛି ଗଣେଶଙ୍କ ପ୍ରତିମୂର୍ତ୍ତି । ସମସ୍ତ ପୂଜା କମିଟି ଆକର୍ଷଣୀୟ ଏବଂ ଭିନ୍ନ ଧରଣର ମୂର୍ତ୍ତି ନିର୍ମାଣ ଏବଂ ସାଜସଜ୍ଜାକୁ ଗୁରୁତ୍ୱ ଦେଉଛନ୍ତି । କିନ୍ତୁ ଏସବୁ ଠାରୁ ଭିନ୍ନ, ଚଳିତ ବର୍ଷ ରେକର୍ଡ଼ ସୃଷ୍ଟି କରିବାକୁ ଯାଉଛି ଅଶୋକ ନଗର ଯୁବକ ସଂଘ । ଚଳିତ ବର୍ଷ ଏହି ପୂଜା କମିଟି ପକ୍ଷରୁ ୨୫ଫୁଟ ଉଚ୍ଚତାର ଗଣେଶ ମୂର୍ତ୍ତି ନିର୍ମାଣ କରାଯାଉଛି । ପୂର୍ବରୁ ସହରର ଏକ ପୂଜା କମିଟି ସର୍ବୋଚ୍ଚ ୨୧ଫୁଟର ମୂର୍ତ୍ତି ପୂଜା କରିଥିଲେ । ହେଲେ ଚଳିତ ବର୍ଷ ଅଶୋକ ନଗର ଯୁବକ ସଂଘ ଏହି ରେକର୍ଡ଼ ଭାଙ୍ଗିବାକୁ ଯାଉଛି । ଗତ ଦେଢ଼ ମାସ ହେଲା ସ୍ଥାନୀୟ କାରିଗର ରବି କୁମାର ଦାସ ମୂର୍ତ୍ତି ନିର୍ମାଣ କରୁଛନ୍ତି । ବମ୍ବେର ଲାଲ୍‌ବାଗ୍ଚା ରାଜା ଆକୃତିରେ ନିର୍ମିତ ହେଉଥିବା ଏହି ମୂର୍ତ୍ତିର ନିର୍ମାଣ କାର୍ଯ୍ୟ ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।

୧୩ରୁ ୨୩ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ୧୪ରେ ଏକକ ଏବଂ ଦଳଗତ ଶାସ୍ତ୍ରୀୟ ନୃତ୍ୟ,୧୫ରେ ଏକକ ଏବଂ ଦଳଗତ ଲୋକ ନୃତ୍ୟ, ୧୬ରେ ଜୁନିୟର୍ ଆଧୁନିକ ନୃତ୍ୟ, ୧୭ରେ ସିନିୟର୍ ଆଧୁନିକ ନୃତ୍ୟ, ୧୮ରେ ଦଳଗତ ଆଧୁନିକ ନୃତ୍ୟ, ୧୯ରେ କଣ୍ଠ ସଂଗୀତ, ୨୧ ଏବଂ,୨୨ରେ ପୁରସ୍କୃତ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ୨୩ତାରିଖ ଉଦ୍‌ଯାପନୀ ଉତ୍ସବ ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ରହିଛି।


ମୂର୍ତ୍ତି ନିର୍ମାଣ ଚାଲିଛି ।

ସାଂସ୍କୃତିକ କାର୍ଯ୍ୟକ୍ରମ ଭିତରେ ଆୟୋଜକମାନେ ସାମାଜିକ ଦାୟିତ୍ୱକୁ ଭୁଲି ନାହାନ୍ତି । ୨୦ରେ କର୍କଟ ରୋଗ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ।

ଅଶୋକନଗର ଯୁବକ ସଂଘର ପ୍ରାୟ ୪ଶହ ସଦସ୍ୟ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଦୀର୍ଘ ଦିନ ହେଲା କଷ୍ଟ କରୁଛନ୍ତି । ସଂଘ ସଭାପତି ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ରହିଥିବା ବେଳେ ଉପସଭାପତି ଭାବେ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, କାର୍ଯ୍ୟକାରୀ ସଭାପତି କର୍ପୋରେଟର୍ ସୁରେନ୍ଦ୍ର ମହାରଣା, ସମ୍ପାଦକ ଏ.ସନ୍ତୋଷ ପାତ୍ର, ସହସମ୍ପାଦକ ଜି.ନରେଶ ପାତ୍ର ଏବଂ କାଳୁ ମହାରଣା, ମୁଖ୍ୟଉପଦେଷ୍ଟା ହୃଷୀକେଶ ପାଣିଗ୍ରାହୀ, ଉପଦେଷ୍ଟା ପ୍ରକାଶ ପଟ୍ଟନାୟକ, ସୁଦୀପ କୁମାର ସାହୁ ଏବଂ ଡ. ମିହିର ତ୍ରିପାଠୀ ରହିଛନ୍ତି ।

# ରୋଟାରି କ୍ଲବ ଅଫ ବ୍ରହ୍ମପୁର ସେଣ୍ଟ୍ରାଲର ଅଧିଷ୍ଠାନ ଉତ୍ସବ



ଉତ୍ସବରେ ମଞ୍ଚାସୀନ ଅତିଥି ।

**ବ୍ରହ୍ମପୁର ଅଫିସ,୧୦।୯**

ରୋଟାରି କ୍ଲବ ଅଫ ବ୍ରହ୍ମପୁର ସେଣ୍ଟ୍ରାଲର ଅଧିଷ୍ଠାନ ଉତ୍ସବ ଟାଟାବେଞ୍ଜ ଛକ ନିକଟସ୍ଥ ଏକ ଘରୋଇ କଲ୍ୟାଣ ମଣ୍ଡପରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ଜି. ଶ୍ରୀନିବାସ ରାଓଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ଗଭର୍ନର ଭବାନୀ ପ୍ରସାଦ ଚୌଧୁରୀ ଯୋଗଦେଇଥିଲେ । ଉତ୍କଳ ଆଶ୍ରମ ରୋଡ ୟୁପି ସ୍କୁଲରେ ଜଳ ବିଶୋଧନ ଯନ୍ତ୍ର ଓ ପାଠାଗାରକୁ ଜିଲା ଗଭର୍ନର ଚୌଧୁରୀ ଉଦ୍‌ଘାଟନ କରିଥିଲେ । ସହକାରୀ ଗଭର୍ନର ତାପସ ପାଣିଗ୍ରାହୀ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ସମ୍ପାଦକ ସୁଦର୍ଶନ ସାହୁ ମଞ୍ଚାସୀନ ଥିଲେ । ଜିଲା ଗଭର୍ନରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟଅତିଥି କ୍ଲବ ବୁଲେଟିନକୁ ଉନ୍ମୋଚନ କରିଥିଲେ । ୫ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡା. ନାରାୟଣ ମିଶ୍ର ସହଯୋଗ କରିଥିଲେ। ପ୍ରଶାନ୍ତ ମହାପାତ୍ର ଏବଂ ଏସ.କେ. ବେବର୍ତ୍ତାଙ୍କ କ୍ଲବର ମୋମେଣ୍ଟୋ ପ୍ରଦାନ କରାଯାଇଥିଲା । କେ.ସି. ସାହୁ, ମୋହନ ସୁବୁଦ୍ଧି, ଅଖେନ୍ଦୁ ପଟ୍ଟନାୟକ, ରଞ୍ଜିତ ପାଢୀ, ଦୀପକ ତୁମୁଲୁ, କେ.ସି. ସାହୁ, ବଦ୍ରି ଦାଶ, ଏସ. ନାଗେଶ୍ୱର ପୃଷ୍ଟି ଓ ସରୋଜ ପୃଷ୍ଟିଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ଘରେ ଲାଗିଲା ଘର ଚଟିଆ ବସା

**ବ୍ରହ୍ମପୁର ଅଫିସ୍,୧୦।୯**

ବିଲୁପ୍ତପ୍ରାୟ ଘରଚଟିଆଙ୍କ ସଂରକ୍ଷଣ ଏବଂ ବଂଶବୃଦ୍ଧି ଦିଗରେ ପଦକ୍ଷେପ ନେଇଛି ବ୍ରହ୍ମପୁର ବନଖଣ୍ଡ । ଏହାକୁ ଆଞ୍ଚଳିକ ବିକାଶ ପରିଷଦ, ସବୁଜ ବାହିନୀ, ବର୍କ୍ସ ଓଡ଼ିଶା, ମାରୱାଡ଼ି ମହିଳା ସମିତି ଭଳି ସଂଗଠନଗୁଡ଼ିକ ସହାୟତା କରୁଛନ୍ତି। ଘରଚଟିଆଙ୍କ ସଂଖ୍ୟା ବଢ଼ାଇବା ପାଇଁ କୃତ୍ରିମ ବସା ଏବଂ ଖାଦ୍ୟସ୍ଥଳୀ ବଣ୍ଟନ କରାଯାଉଛି । ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମ ଜିଲାର ୧୧ ବ୍ଲକ ଏବଂ ବ୍ରହ୍ମପୁର ମହାନଗର ନିଗମର ୧ ଏବଂ ୨୬ନଂ. ୱାର୍ଡ଼ରେ ବଣ୍ଟନ କାର୍ଯ୍ୟ ଚାଲିଛି । ଏହି କ୍ରମରେ ରବିବାର କୁକୁଡ଼ାଖଣ୍ଡି ବ୍ଲକ ବଡ଼ପଲ୍ଲୀ ପଞ୍ଚାୟତ ଅନନ୍ତାଇ ଗ୍ରାମ ଏବଂ ମହାନଗର ନିଗମ ୧ ନମ୍ବର ୱାର୍ଡ଼ ରଘୁନାଥପୁର ଓ ୨୬ନମ୍ବର ୱାର୍ଡ଼ ସୋମନାଥ ନଗରରେ ଘର ଚଟିଆଙ୍କ କୃତ୍ରିମ ବସା ଏବଂ ଖାଦ୍ୟସ୍ଥଳୀ ଲଗାଯାଇଥିଲା। ମୋଟ ୧୦ ବସା ଏବଂ ଦୁଇଟି ଖାଦ୍ୟସ୍ଥଳୀ ଲୋକମାନଙ୍କ ଘର ଆଗରେ ଖଞ୍ଜା ଯାଇଥିଲା । ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ର, ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ବିଜେନ୍ଦ୍ର ମାଝି, ଏମ୍.ଦିଲୀପ କୁମାର, ରାକେଶ ବିଷୋୟୀ, ବନମାଳୀ ପ୍ରଧାନ, ସଞ୍ଜୟ ପାତ୍ର, ଧର୍ମରାଜ ପାତ୍ର ଓ ସିଲୁ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।


ଏକ ଘର ସମ୍ମୁଖରେ ବସା ଖଞ୍ଜା ଯାଉଛି ।

# ମାନବ ଅଧିକାର ସୁରକ୍ଷା ମଞ୍ଚର ଘଣ୍ଟ ଯାତ୍ରା

**ବ୍ରହ୍ମପୁର ଅଫିସ, ୧୦।୯**

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ୍‌ର କଲେଜ ରକ୍ତଭଣ୍ଡାରରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ଦାବି କରି ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ୫୯ ତମ ଘଣ୍ଟ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ପରପ୍ରେକ୍ଷୀରେ ୮ ଦଫା ଦାବି ସମ୍ବଳିତ ଏକ ସ୍ମାରକ ପତ୍ର କଲେଜ ଅଧକ୍ଷ ଏବଂ ଅଧୀକ୍ଷକଙ୍କ ଜରିଆରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି । ରକ୍ତ ଭଣ୍ଡାରରେ ଦୀର୍ଘ ଦିନ ଧରି ଥିବା ସମସ୍ୟା ଯୋଗୁ ରୋଗୀ ତଥା ସମ୍ପର୍କୀୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି। ରକ୍ତଭଣ୍ଡାରରେ ନିୟୋଜିତ ଡାକ୍ତର ଯେଉଁମାନେ ନିଜ ନିଜ ଘରୋଇ ନର୍ସିଂ ହୋମ୍‌ରେ ବ୍ୟସ୍ତ ରହି କାର୍ଯ୍ୟରେ ଅନୁପସ୍ଥିତ ରହିବା ଏମିତିକି ରକ୍ତଦାନ ଶିବିରରେ ଅନୁପସ୍ଥିତ ରହୁଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି । ବିଭିନ୍ନ ସମୟରେ ନିୟମିତ ରକ୍ତଦାତା ସଂଗଠନ ମାନଙ୍କ ସଦସ୍ୟଙ୍କୁ ନେଇ ବ୍ଲଡ ଟ୍ରାନ୍ସଫ୍ୟୁଜନ୍ ବିଭାଗର ପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଇ କାର୍ଯ୍ୟାଳୟ ଯୋଗାଇଦେବା, ନିଦାନ ଓ ସହାୟ ଯୋଜନା ସତ୍ତ୍ୱେ ରକ୍ତଭଣ୍ଡାରରେ ପରୀକ୍ଷା ବାବଦରେ ଶହଶହ ଟଙ୍କା ଆଦାୟ କରାଯାଉଛି, ଏହି ସର୍ଭିସ୍ ଫିଜ୍‌କୁ ବନ୍ଦ କରି ସମ୍ପୂର୍ଣ୍ଣ ଭାବେ ମାଗଣାରେ ଉପଲବ୍ଧ କରାଯିବା ଆଦି ୮ ଦଫା ଦାବି କରାଯାଇଛି । ସଂଯୋଜକ ଅବନୀ କୁମାର ଗୟାଙ୍କ ନେତୃତ୍ୱରେ ଏମ୍‌କେସିଜି ସମ୍ମୁଖରେ ଘଣ୍ଟ ପିଟା ଯାଇ ପ୍ରତିବାଦ ଏବଂ ଦାବି ଉପସ୍ଥାପନା କରାଯାଇଥିଲା । ପରେ ଅଧୀକ୍ଷକ ଡାକ୍ତର ଚରଣ ପଣ୍ଡାଙ୍କ ଅନୁପସ୍ଥିତରେ ବଡମେଡିକାଲ୍ ପ୍ରଶାସନିକ ଅଧିକାରୀ ସୁଦାମ ମଣ୍ଡଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।



ଏମକେସିଜି ମେଡିକାଲ୍ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଘଣ୍ଟ ଯାତ୍ରା ।

## ରକ୍ତ ଭଣ୍ଡାର ସମସ୍ୟା

ସେହିପରି ଅଧକ୍ଷ ପ୍ରଫେସର ଡାକ୍ତର ରାଧାମାଧବ ତ୍ରିପାଠୀଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଆଲୋଚନା କରି ଆଶୁ ସମାଧାନ କରିବା ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ରକ୍ତଭଣ୍ଡାର ସମସ୍ୟା ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ପରେ ବିଭାଗୀୟ ମୁଖ୍ୟା ଥିବା ବ୍ୟକ୍ତିଙ୍କୁ ହଟାଯାଇ ତାଙ୍କ ସ୍ଥାନରେ ନୂତନ ଭାବେ ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ପ୍ରଫେସର୍ ରବିକାନ୍ତ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ରକ୍ତଭଣ୍ଡାରରେ ଡାକ୍ତରମାନଙ୍କ ଅନୁପସ୍ଥିତ ଅଭିଯୋଗକୁ ଆଧାର କରି ଖୁବ୍ ଶୀଘ୍ର ସିସିଟିଭି ବ୍ୟବସ୍ଥା କରାଯାଇ ଉପସ୍ଥାନ ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧୀକ୍ଷକ ଡାକ୍ତର ପଣ୍ଡା ଏବଂ ଅଧକ୍ଷ ପ୍ରଫେସର ଡାକ୍ତର ତ୍ରିପାଠୀ କହିଛନ୍ତି । ଉକ୍ତ ଆନ୍ଦୋଳନରେ ଶ୍ୟାମ ସୁନ୍ଦର ଖାଡଙ୍ଗା, ଲକ୍ଷ୍ମୀନାରାୟଣ ରାଉତ, ଇଂ.ରାଜା ସୁରେଶ, ମହେଶ୍ୱର ବାଡତ୍ୟା, ମଧୁସୂଦନ ସାହୁ, ରବିନାରାୟଣ ସାବତ, ମନୋଜ କୁମାର ତରାଇ ଓ ଦ୍ୱାରିକାନାଥ ଘଡାଇ ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ ।

## ସଂକ୍ଷେପରେ

### ଚୋରା ମଦ ଜବତ, ୬ ଗିରଫ

ଆସିକା,୧୦।୯(ଡି.ଏନ୍.ଏ): ଆସିକା ପୋଲିସ ପକ୍ଷରୁ ରବିବାର ଆସିକା ଥାନା ଇଲାକାର ବିଭିନ୍ନ ସ୍ଥାନରେ ଚାଲିଥିବା ଚୋରାମଦ କାରବାର ଉପରେ ଚଢାଉ କରି ପୋଲିସ ୬ ଜଣଙ୍କୁ ଗିରଫ କରିଛି । ଗିରଫଙ୍କ ମଧ୍ୟରେ ବାଲିସିରାର ବାବୁଲି ନାୟକଙ୍କଠାରୁ ୪୦ ଲିଟର ମଦ ଜବତ କରାଯାଇଥିଲା ବେଳେ ସୁମନ୍ତପଲ୍ଲୀ ଗ୍ରାମର ସୁମନ ସାହୁଙ୍କଙ୍କଠାରୁ ୫୦ ଲିଟର, ଗୁଣ୍ଡପଡାର ଅଭିମନ୍ୟୁ ସାହୁଙ୍କଠାରୁ ସରକାରୀ ଭାଟିରେ ପ୍ରସ୍ତୁତ ୮୦ଟି ପାଉଚ ପେକ (୧୬ ଲିଟର), ନଳବଣ୍ଟାର ବୁଲୁ ସ୍ୱାଇଁଙ୍କଠାରୁ ୨୦୦ଟି ପାଉଚ (୪୦ ଲିଟର), ଦେବହରି ନାହାକଙ୍କଠାରୁ ୨୫୦ଟି ପାଉଚ (୫୦ ଲିଟର), ଧୋବାପଲ୍ଲୀ ଗ୍ରାମର ବାବୁଲା ରେଡ୍ଡୀଙ୍କଠାରୁ ୨୫୦ଟି ପାଉଚ (୫୦ ଲିଟର) ଜବତ କରାଯାଇଥିଲା। ଏନେଇ ଆସିକା ଥାନାରେ ୨୭୯, ୨୮୦, ୨୮୧, ୨୮୨, ୨୮୩, ଓ ୨୮୪/୧୮ ପୃଥକ ପୃଥକ ୬ଟି ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି ।

### ବଜ୍ରପାତରେ ୩ ଗୁରୁତର

ଶଙ୍କରାଖୋଲ,୧୦।୯(ଡି.ଏନ୍.ଏ.): ଟିକାବାଲି ବ୍ଲକ କଇଁଝର ପଞ୍ଚାୟତର କାଳିକେତା ଗ୍ରାମର ଛକରେ ଥିବା ବିଶ୍ରାମାଗାରରେ ସୋମବାର ସନ୍ଧ୍ୟାରେ ବଜ୍ରପାତରେ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଦଶରଥ ଦିଗାଳ, ପୁଅ ଚିତ୍ତରଞ୍ଜନ ଦିଗାଳ, ଦିଗାମ୍ବର କହଁର। ପୂର୍ବତନ ସରପଞ୍ଚ ପ୍ରକାଶ କହଁରଙ୍କ ସହମତିରେ ଗ୍ରାମବାସୀ ଆହତଙ୍କୁ ଉଦ୍ଧାର କରି ଫୁଲବାଣି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ପ୍ରକାଶ ଯେ, ଦଶରଥ ଓ ପୁଅ ଚିତରଞ୍ଜନ କଇଁଝର ଗ୍ରାମରୁ ନିଜ ଘର ତିଲିକ ବାଟା ସାହିକୁ ଫେରୁଥିବା ବେଳେ ବର୍ଷା ସହ ଘଡ଼ଘଡ଼ି ହେବାରୁ କାଳିକେତା ବିଶ୍ରାମଗାରରେ ରହିଥିଲେ ଏବଂ କାଳିକେତା ଗ୍ରାମରୁ ନିଜ ଗ୍ରାମ କଇଁଝର କୁମ୍ଭାର ସାହିକୁ ଫେରୁଥିବାବେଳେ ଦିଗାମ୍ବର ଉକ୍ତ ବିଶ୍ରାମଗାରରେ ଆଶ୍ରୟ ନେଇଥିଲେ। ତେବେ ବଜ୍ରପାତ ମାରିବାରୁ ବାପା ପୁଅକୁ ଛାତିରେ ମାଡ ହୋଇଥିବାବେଳେ ଦିଗାମ୍ବର ମୁଣ୍ଡରେ ମାଡ଼ ହୋଇଥିବା ସୂଚନା ମିଳିଛି।

### ଅର୍ଥନୀତି ବିଭାଗର ଆଲୋଚନାଚକ୍ର

ଦିଗପହଣ୍ଡି,୧୦।୯(ଡି.ଏନ.ଏ.)

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜ ଅର୍ଥନୀତି ବିଭାଗ ପକ୍ଷରୁ ଗୁରୁବାର 'ଦ୍ରବ୍ୟ ସେବା କର ଓ ଭାରତୀୟ ଅର୍ଥନୀତି ଉପରେ ତା'ର ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପିକା ଡ. ହରପ୍ରିୟା ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ କଲେଜ ଅଧକ୍ଷ ମୂରଲୀଧର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅଧ୍ୟାପକ ଡ. କୃଷ୍ଣଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଷୟବସ୍ତୁ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପିକା ଡ. ପଟ୍ଟନାୟକ ଦ୍ରବ୍ୟ ସେବା କର ବ୍ୟବସ୍ଥା ଆମ ଦେଶର ଅର୍ଥନୀତିରେ କିଭଳି ପ୍ରଭାବ ପକାଇଛି ସେନେଇ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଛାତ୍ରୀ ବର୍ଷାରାଣୀ ଦାସ, ଛାତ୍ର ଗଙ୍ଗାଧର ନାୟକ ପ୍ରୋଜେକ୍ଟର ମାଧ୍ୟମରେ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ପ୍ରଭଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ପ୍ରଣତି ପାତ୍ର, ପ୍ରତିଭା ମିଶ୍ର, ସିଏଚ. ଶାନ୍ତା କୁମାରୀ, ସରିତା ନାହାକ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଅଜିତ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

### ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ

ଜି.ଉଦୟଗିରି,୧୦।୯(ଡି.ଏନ.ଏ.)- ଜି.ଉଦୟଗିରି ପୋଲିସ ଥାନା ପରିସରରେ ପୋଲିସର ବରିଷ୍ଠ ନାଗରିକ ସେଲ୍ ପକ୍ଷରୁ ବରିଷ୍ଠ ନାଗରିକଙ୍କ ଏକ ବୈଠକ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୯୮ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। କନ୍ଧମାଳ ଜିଲା ବରିଷ୍ଠ ନାଗରିକ ସଂଘର ସଭାପତି ନବ କିଶୋର ପଣ୍ଡା, ସମ୍ପାଦକ ପି.କେ ମାନୁଏଲ, ସହ ସମ୍ପାଦକ ପ୍ରଶନ୍ନ କୁମାର ସାହାଣୀ ଯୋଗଦେଇ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ଉପରେ ଆଲୋଚନା କରିଥିଲେ । ଜି.ଉଦୟଗିରି ପୋଲିସ ଏସ୍‌ଡିପିଓ ଜୟକୃଷ୍ଣ ବେହେରା, ଆଇଆଇସି ବାଳକୃଷ୍ଣ କହଁର ଉପସ୍ଥିତ ଥିଲେ।

# ସ୍ଥାୟୀ ପଟ୍ଟା ଦାବିରେ ଗଣଧାରଣା

ଫୁଲବାଣୀ ଅଫିସ, ୧୦।୯

ଫୁଲବାଣୀ ସହରରେ ସ୍ଥାୟୀ ପଟ୍ଟା ଦାବିରେ ଜମିଜମା ସତ୍ତ୍ୱ ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାରଠାରୁ ଗଣଧାରଣା ଆରମ୍ଭ ହୋଇଛି । ଏହା ୧୦ ଦିନ ଧରି ଚାଲିବ । ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ପୌର ପରିଷଦର ୧୩ଟି ୱାର୍ଡ଼ର ପଟ୍ଟା ପାଇ ନ ଥିବା ଅଧିବାସୀ ସାମିଲ୍ ହୋଇଛନ୍ତି। ଏହି ଅବସରରେ ଏକ ପ୍ରତିବାଦ ସ୍ୱରୁପ ରାଲି ସ୍ଥାନୀୟ ମାଦିକୁନ୍ଦା ଛକରୁ ବାହାରି ସହର ପରିକ୍ରମା କରିଥିଲା। ସମସ୍ତେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ନାରାବାଜି କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାପରେ ସେଠାରେ



କ୍ରିୟାନୁଷ୍ଠାନ କମିଟିର ପ୍ରତିବାଦ ସଭା ।

ପ୍ରତିବାଦ ସଭା ହୋଇଥିଲା । କ୍ରିୟାନୁଷ୍ଠାନ କମିଟିର ସଭାପତି ଭି.ଭି.ରାମଦାସ, ଉପ ସଭାପତି ବିଜୟ ମହାନ୍ତି, ବ୍ରହ୍ମା ବେହେରା, ସାଧାରଣ ସମ୍ପାଦକ ଅଶୋକ କୁମାର ପରିଡ଼ା, ଯୁଗ୍ମ ସଂପାଦକ ସଞ୍ଜିତ ମଣ୍ଡଳ, ପରେଶ କୁମାର ମହାପାତ୍ର, ସଂଗଠନ ସମ୍ପାଦକ ଏଲ୍.ତ୍ରିନାଥ ପାତ୍ର, କୋଷାଧ୍ୟକ୍ଷ ଅରୀକ୍ଷିତ ସାହୁ ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ୪ ଦଫା ଦାବି ଯଥା ସର୍ବକ୍ଷମା ଯୋଜନା ମାଧ୍ୟମରେ ସ୍ଥାୟୀ ପଟ୍ଟା ପ୍ରଦାନ କରିବା, ଫୁଲବାଣୀରେ ପୁନଃ ବନ୍ଦୋବସ୍ତ କରିବା, ପଟା ପ୍ରଦାନ ପର୍ଯ୍ୟନ୍ତ ପେନାଲଟି ଆଦାୟ ବନ୍ଦ କରିବା ଓ ପୌର ପରିଷଦ ପକ୍ଷରୁ ମନଇଚ୍ଛା ହୋଲଡ଼ିଂ ଟିକସ ଆଦାୟ ବନ୍ଦ କରିବା ସମ୍ପର୍କିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, ୨୦୧୩-୧୪ ମସିହାଠାରୁ ସ୍ଥାୟୀ ଘର ଡ଼ିହ ପଟା ଦାବିରେ ଫୁଲବାଣୀକୁ ସର୍ବକ୍ଷମା ଯୋଜନାରେ ସାମିଲ୍ କରିବା ପାଇଁ ଦାବି ହୋଇ ଆସୁଛି । ହେଲେ ତାହା ଆଜି ପର୍ଯ୍ୟନ୍ତ ହୋଇପାରୁ ନାହିଁ । ଭୂମିହୀନଙ୍କୁ ପଟ୍ଟା ଦେବା ପାଇଁ ସରକାର ପଦକ୍ଷେପ ନେଉଥିବା ବେଳେ କନ୍ଧମାଳବାସୀଙ୍କ ଦାବିକୁ ଅଣଦେଖା କରୁଛନ୍ତି।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର


@ ତ୍ରିପତି


@ ସୌରଭ


@ ଚିନ୍ମୟ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

ପୂର୍ବତନ ବିଧାୟକ ଦେବେନ୍ଦ୍ରଙ୍କ ମା' ବାପାଙ୍କ ଖବରଦାତା ସମ୍ମିଳନୀ

# ମୋ ପୁଅକୁ ଫସାଇ ଦିଆଯାଇଛି

ଫୁଲବାଣୀ ଅଫିସ, ୧୦।୯

ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶନାମା ରହିଛି କି ୧୮ ବର୍ଷରୁ ଊର୍ଦ୍ଧ୍ୱ ଜଣେ ଯୁବତୀ ଏବଂ ଯୁବକ ନିଜ ସହମତିରେ ରହି ପାରିବେ। ମୋ ପୁଅକୁ ନେଇ ଯେଉଁ ଚର୍ଚ୍ଚା ଚାଲିଛି ସେଥିରେ କେତେଜଣ ବିଜେଡି ନେତାଙ୍କର ଭୂମିକା ରହିଛି । ଯେଉଁ ଯୁବତୀ ମୋ ପୁଅ ନାମରେ ଅଭିଯୋଗ କରିଛନ୍ତି ସେ ମାରପିଟ ନେଇ ଏତଲାରେ ଦର୍ଶାଇଛନ୍ତି । ହେଲେ କାହିଁ କି ମୋ ପୁଅ ନାମରେ ମିଛରେ ଭିଡିଓ ଭାଇରାଲ କରାଗଲା ତାହା ମୁଁ ଜାଣି ପାରୁନାହିଁ । ଯେଉଁ ନିର୍ଦ୍ଦିଷ୍ଟ ବୈଦ୍ୟୁତିକ ଗଣମାଧ୍ୟମ ଏହାକୁ ପ୍ରସାରଣ କରିଛି ଆମେ ତା ବିରୋଧରେ ମାନହାନି ମାମଲା ରୁଜୁ କରିବୁ । ଯଦି ମୋ ପୁଅ ମରିଯାଏ ତାହାଲେ ସେହି ନିର୍ଦ୍ଦିଷ୍ଟ ଗଣମାଧ୍ୟମକୁ କଦାପି ଛାଡ଼ିବି ନାହିଁ ବୋଲି ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁରଙ୍କ ମା' ସୋନେଲୀ ଏବଂ ବାପା କର୍ଣ୍ଣେଶ୍ୱର କହଁର ପ୍ରକାଶ କରିଛନ୍ତି।

ଦେବେନ୍ଦ୍ରଙ୍କ ମା' ସୋନେଲୀ ଆହୁରି କହିଛନ୍ତି, ମୋ ପୁଅକୁ ଫସାଇ ଦିଆଯାଇଛି। ଯେହେତୁ ଆଗକୁ ନିର୍ବାଚନ, ତାକୁ ଟିକେଟ ନ ଦେବା ନେଇ ଏହି ପ୍ରକାର ରାଜନୀତି କରାଯାଉଛି । କନ୍ଧମାଳ ଜିଲାର ଜଣେ ପ୍ରମୁଖ ବିଜେଡି ନେତା(ନାମ ନେଇ) ଏହା କରୁଛନ୍ତି । ପୁଅ ସହ ଆମର ବି ମାନ


ପୂର୍ବତନ ବିଧାୟକ ଦେବେନ୍ଦ୍ରଙ୍କ ମା' ବାପା ।

**ନିର୍ଦ୍ଦିଷ୍ଟ ବୈଦ୍ୟୁତିକ ଚ୍ୟାନେଲ ବିରୋଧରେ ମାମଲା ରୁଜୁ କରିବୁ**

ସମ୍ମାନ ଯାଇଛି । ଯେଉଁ ଭିଡିଓ ଭାଇରାଲ ହୋଇଛି ତାହା ମୋ ପୁଅର ନୁହେଁ। ଆଜିକାଲି ଦୁନିଆରେ ଜଣେ ଅନ୍ୟ ଜଣଙ୍କ ନାମରେ ଏଡିଟିଂ(ସମ୍ପାଦିତ)କରି ଫଟୋ ଏବଂ ଭିଡିଓ ଭାଇରାଲ କରି ପାରିବ । ପୁଅର ଲୋକ ପ୍ରିୟତାକୁ ସହି ନ ପାରି ଆଗାମୀ ନିର୍ବାଚନରେ ଟିକେଟ କାଟିବା ପାଇଁ ଜଣେ ବିଜେଡି ନେତା(ନାମ ଧରି) ଏହି ପରି କରୁଛନ୍ତି । ମୋ ପୁଅ ନାମରେ ଯୌନ କେଲେଙ୍କାରୀ ଅଭିଯୋଗ ଆଣିବା ନିହାତି ଦୁଃଖ ଦାୟକ। କାରଣ ସେ ଯୁବତୀ ତାଙ୍କ ଏତଲାରେ ଏହା ଦର୍ଶାଇ ନାହାନ୍ତି। ଗୋଟିଏ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଏହାକୁ ପ୍ରସାରିତ କରିଛି। ଆମେ ଘରୁ ବାହାରକୁ ବାହାରି ପାରୁନାହୁଁ। ଜଣଙ୍କ ବ୍ୟକ୍ତିଗତ ସମ୍ପର୍କକୁ ପ୍ରସାରଣ କରିବା କେତେଦୂର ଯଥାର୍ଥ । ଯିଏ ଭିଡିଓ ଭାଇରାଲ କରିଛନ୍ତି ଏବଂ ଯେଉଁମାନେ ପ୍ରସାରଣ କରିଛନ୍ତି ସେମାନଙ୍କୁ ଦଣ୍ଡିତ କରାଯାଉ ବୋଲି ସୋନେଲୀ କହିଛନ୍ତି ।

ସୂଚନାଯୋଗ୍ୟ, ପୂର୍ବତନ ବିଧାୟକ ଦେବେନ୍ଦ୍ର ଜଣେ ଯୁବତୀଙ୍କୁ ମାରପିଟ ଏବଂ ଆକ୍ରମଣ କରିଥିବା ନେଇ ଫୁଲବାଣୀ ସଦର ଥାନାରେ ଏତଲା ହୋଇଥିଲା । ସମ୍ପୃକ୍ତ ଯୁବତୀଙ୍କ ଏତଲା ଆଧାରରେ ପୋଲିସ ନଂ. ୫୩/୧୮ରେ ମାମଲା ରୁଜୁ କରିଥିଲା। ଭିଡିଓ ଭାଇରାଲ ହେବା ପରେ ପୋଲିସ ଅନ୍ୟ ଜଣେ ଯୁବତୀଙ୍କ ନାମରେ ୬୭(ଏ) ଆଇଟି ଆକ୍ଟରେ ସେହି ମାମଲାରେ ତାଙ୍କୁ ଯୋଡ଼ିଛି।

# ବ୍ଲକସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ

ଗଞ୍ଜାମ,୧୦।୯(ଡି.ଏନ.ଏ.)

ଗଞ୍ଜାମ ବ୍ଲକସ୍ତରୀୟ ବିଜେଡି ସମ୍ମିଳନୀ ରବିବାର ସନ୍ତୋଷପୁର ପଞ୍ଚାୟତ ବାତ୍ୟା ଆଶ୍ରୟସ୍ଥଳୀଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛତ୍ରପୁର ବିଧାୟକ ଡ଼ା. ପ୍ରିୟାଂଶୁ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସଫଳ ରୂପାୟନ କିପରି ହୋଇପାରିବ ଜନପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ଆଦିକନ୍ଦ ସେଠୀ, ବ୍ଲକ ଉପାଧ୍ୟକ୍ଷା ମିନତୀ ପ୍ରଧାନ, ଏନଏସି ଅଧ୍ୟକ୍ଷା ଉର୍ମିଳା ପଲାଇ, ଜିଲା ପରିଷଦ ସଭ୍ୟା ଜେ. ସନ୍ତୋଷୀ, ବ୍ଲକ ସମ୍ପାଦକ ଉମା ଜେନା, ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ. ଧନଞ୍ଜୟ ରେଡ୍ଡୀ, ଜିଲା ଯୁବ ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ଉପସଭାପତି ଲିଙ୍ଗରାଜ ମହାପାତ୍ର, ସନ୍ତୋଷପୁର ସମିତିସଭ୍ୟ ଗଗନ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଆର. ଭାଗ୍ୟ ରେଡ୍ଡୀ, ପୂର୍ବତନ ପୋଇରାଶି ସରପଞ୍ଚ ଅନ୍ତର୍ଯ୍ୟାମୀ ବେହେରା, ପୂର୍ବତନ ବ୍ଲକ ସଭାପତି ବନବାସୀ ଖୁଣ୍ଟିଆ, ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରା, ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ସାହୁ, ରାମଗଡ଼ ସରପଞ୍ଚ ବନିତା ଦଳାଇ, ଜିଲା ମହିଳା ସଭାନେତ୍ରୀ ସଂଘମିତ୍ରା ଦଳାଇ, ମଲାଡ଼ ସରପଞ୍ଚ ପ୍ରଭାତ ସେଠୀ, ଯୁବନେତା କୃଷ୍ଣ ପଲାଇ, ଛତ୍ରପୁର ଏନଏସି ଅଧ୍ୟକ୍ଷା ପ୍ରତିନିଧି ପାପା ରାଓ, ଉପାଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ବେହେରା, ପୂର୍ବତନ କାଉନସିଲର ତଥା ବୁଥ କମିଟି ସଭାପତି ଦଣ୍ଡପାଣି ପରିଡ଼ା, ଖୋର୍ଦ୍ଧା ଓ ଗଞ୍ଜାମ ଜିଲା କୈବର୍ତ୍ତ ମହାସଂଘ ସଭାପତି ସନାତନ ବେହେରା, ହୁମ୍ମା ସରପଞ୍ଚ ଚନ୍ଦ୍ରମୋହନ ସାହୁ, ଜିଲା ଛାତ୍ର ବ୍ଲକ ସଭାପତି ସାନ୍ତନୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମେ ଏକ ଶୋଭାଯାତ୍ରା ସନ୍ତୋଷପୁର ଓ କାର୍ତ୍ତିକଡ଼ିଆ ଗ୍ରାମ ପରିକ୍ରମା କରି ସଭାସ୍ଥଳକୁ ଆସିଥିଲା।

# ଭାଜପାର ବୁଥ୍ ଚାଲ ଅଭିଯାନ

ଦାରିଙ୍ଗବାଡ଼ି/ବାଲିଗୁଡ଼ା, ୧୦।୯(ଡି.ଏନ.ଏ.)

ବାଲିଗୁଡ଼ା ନିର୍ବାଚନମଣ୍ଡଳୀରେ ଭାଜପା ପକ୍ଷରୁ ବୁଥ୍ ଚାଲ ଅଭିଯାନ ମହିଳା ମୋର୍ଚ୍ଚା ପକ୍ଷରୁ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଯୋଜିକା ସୁଷମା ସାହୁ ଅଧ୍ୟକ୍ଷତା କରିଥିଲେ । ବୈଠକରେ ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନାର କରାଯାଇଥିଲା । କେନ୍ଦ୍ର ସରକାରଙ୍କ ପକ୍ଷରୁ ଆସୁଥିବା ବିଭିନ୍ନ ଯୋଜନା ଲୋକଙ୍କ ନିକଟରେ ଠିକ୍ ଭାବେ ପହଞ୍ଚାଇବା ପାଇଁ ଆଲୋଚନା ହୋଇଥିଲା । ଏଥି ପାଇଁ ସମସ୍ତ କର୍ମକର୍ତ୍ତା ବୁଥ୍‌ରେ ଯାଇ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା । ବୁଥ୍ ଚାଲ କାର୍ଯ୍ୟକ୍ରମକୁ ଅଧିକ ମଜଭୁତ କରିବା ସହ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଜଣାଇବାକୁ କୁହାଯାଇଥିଲା । ବୈଠକରେ ଜିଲା ସଭାନେତ୍ରୀ ଅର୍ଚ୍ଚନା ପ୍ରଧାନ, ସାଧାରଣ ସମ୍ପାଦକ ଜଗନ୍ନାଥ ସାହୁ, ଯୁବ ମୋର୍ଚ୍ଚା ମଣ୍ଡଳ ସଭାପତି ଆଦିକନ୍ଦ ପଟ୍ଟନାୟକ, ବାଲିଗୁଡ଼ା ମଣ୍ଡଳ ସାଧାରଣ ସମ୍ପାଦକ ଦିବାକର ସାହୁ, ଜିଲା ମହିଳା ମୋର୍ଚ୍ଚା ଉପଦେଷ୍ଟା ସଦସ୍ୟ ନନ୍ଦିନୀ ପ୍ରଧାନ, ତୁମୁଡ଼ିବନ୍ଧ ମହିଳା ମୋର୍ଚ୍ଚା ମଣ୍ଡଳ ସଭାନେତ୍ରୀ ନଳିନୀ ବେହେରାଦଳାଇ, ବାଟାଗୁଡ଼ାର ସଭାନେତ୍ରୀ ସସ୍ମିତା ନାୟକଙ୍କ ସମେତ କୋଟଗଡ଼ର ସୁଶୀଳା ବେହେରାଦଳାଇ,ବାଲିଗୁଡ଼ା ସଭାନେତ୍ରୀ ଝରଣା ଦଣ୍ଡସେନା, କ.ନୂଆଗାଁ ବ୍ଲକ ଅଞ୍ଚଳର ମହିଳା ମୋର୍ଚ୍ଚାର ସଦସ୍ୟାମାନେ ଯୋଗଦେଇଥିଲେ ।



ଭାଜପା ମହିଳା ମୋର୍ଚ୍ଚା କର୍ମକର୍ତ୍ତା ।

# ଛତ୍ରପୁର ଭାଜପା ମଣ୍ଡଳ ବୈଠକ

ଛତ୍ରପୁର,୧୦।୯(ଡି.ଏନ.ଏ.)

ଛତ୍ରପୁର ଭାଜପା ମଣ୍ଡଳ ବୁଥ୍‌ସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଣ୍ଡଳ ସଭାପତି ପ୍ରଦୀପ ପାଢୀ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା । ଛତ୍ରପୁର ମଣ୍ଡଳର ୧୦୪ ବୁଥ୍‌ଠାରୁ ୧୦୮ ବୁଥ୍ ପର୍ଯ୍ୟନ୍ତ ବୁଥ୍‌ର ସମ୍ପାଦକ, ସଭାପତି ଓ ପର୍ଯ୍ୟବେକ୍ଷକମାନେ ଯୋଗ ଦେଇଥିଲେ। ପ୍ରତି ବୁଥ୍‌ରେ ୨୫ ଯୁବକଙ୍କ ତାଲିକା ଓ ଫୋନ୍ ନଂ ୧୬ ତାରିଖରେ ହେବାକୁ ଥିବା ବୈଠକରେ ଦେବାକୁ କୁହାଯାଇଥିଲା। ପେଟ୍ରୋଲରୁ ୨୫ ପ୍ରତିଶତ ଭାଟ୍ ରାଜ୍ୟ ସରକାର ଛାଡ କରିବାକୁ ଭାଜପା ପକ୍ଷରୁ ଦାବି ହୋଇଥିଲା। ବୈଠକରେ ଚୈତନ୍ୟ ପ୍ରଧାନ, ବସନ୍ତ କୁମାର ବେହେରା, ରୁଇନ୍ ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ପଣ୍ଡା, ମନୋଜ କୁମାର ବେହେରା, ଲିଙ୍ଗରାଜ ନାୟକ, ସଞ୍ଜିତ୍ ରାଉଳ, ଶୁଭ୍ରାଂଶୁ ଯାଦବ, ଅମରେଶ ମହାରଣା, ପ୍ରଶାନ୍ତ ବେହେରା, ଜିତୁ ରାଉଳ, ଡି ସୁରେଶ ରେଡ୍ଡୀ, ଚନ୍ଦ୍ରଶେଖର ବେହେରା, ମନୋରଞ୍ଜନ ବେହେରା, ଇ ପ୍ରମୋଦ କୁମାର, ପି ତ୍ରିପତି ରାଓ, ଗଙ୍ଗାଧର ପଣ୍ଡା, ଗାଣ୍ଡୁଧର ଗୌଡ ପ୍ରମୁଖ ଯୋଗ ଦେଇଥିଲେ ।

# ଅନ୍‌ସ୍ଲୋ ହାଇସ୍କୁଲ ପୁରାତନ ଛାତ୍ରଙ୍କ ବୈଠକ



ବୈଠକରେ ଉପସ୍ଥିତ ପୁରାତନ ଛାତ୍ରମାନେ।

ଛତ୍ରପୁର,୧୦।୯(ଡି.ଏନ.ଏ)

ବ୍ରିଟିଶ ଅମଳର ଅନ୍‌ସ୍ଲୋ ହାଇସ୍କୁଲ ୧୯୭୨ ମାଟ୍ରିକ୍ ବ୍ୟାଚ୍‌ର ଛାତ୍ରମାନଙ୍କ ବୈଠକ ବାଟ ଛତ୍ରପୁର ସାଇ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଶିବ ପ୍ରସାଦ ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ । ପ୍ରଥମେ ଦିବଂଗତ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ବିଭିନ୍ନ ବିଷୟ ଆଲୋଚନା ଓ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା । ଶ୍ରୀକାନ୍ତ ମିଶ୍ରଙ୍କ ଆବାକତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା । ନିଗମ ଚରଣ ଆଚାର୍ଯ୍ୟ, ନରସିଂହ ମୂର୍ତ୍ତି, ପ୍ରକାଶ ଚନ୍ଦ୍ର ପାଠୀ, ହରିହର ମହାରଣା, ପ୍ରଭାକର ରାଓ, ଜି. ପାପା ରାଓ, କିଶୋର ଚନ୍ଦ୍ର ଚୌଧୁରୀ, ଓକିଲ ବିଷ୍ଣୁ ମୋହୋନା ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ ।

# ବର୍ଷାରେ ବିପର୍ଯ୍ୟସ୍ତ ରାସ୍ତା ମରାମତି ନୋହିଲା

ଦାରିଙ୍ଗବାଡ଼ି,୧୦।୯(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଚଳିତବର୍ଷ ଗତ ବର୍ଷଠାରୁ ଅଧିକ ବର୍ଷା ହୋଇଛି। ଏଥିରେ ବ୍ୟାପକ ପରିବା ଫସଲ କ୍ଷତି ହେବା ସହ କେତେକ ରାସ୍ତାଘାଟ ଧୋଇଯାଇଛି। କେତେକ ସ୍ଥାନରେ ସଂଯୋଗୀକରଣ ରାସ୍ତା ନଷ୍ଟ ହୋଇଛି। ଶନିବାରଠାରୁ ବର୍ଷା ହେଉ ନ ଥିଲେ ମଧ୍ୟ ଅଧିକାଂଶ ସମୟ ପାଗ ମେଘୁଆ ରହୁଛି। ବ୍ଲକର ଦନେକବାଡ଼ିଠାରୁ ସିର୍କାବର୍ଗ ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ ଦାରିଙ୍ଗବାଡ଼ି ଠାରୁ ବ୍ରାହ୍ମଣୀଗାଁ, ଦାରିଙ୍ଗବାଡ଼ି ଠାରୁ ପର୍ଡ଼ମାହା,ସିମନବାଡ଼ିଠାରୁ ବୁଡାଗୁଡ଼ା, ସିମନବାଡ଼ିଠାରୁ ରାଇକିଆ, ବୁଡାଗୁଡ଼ାଠାରୁ କୋଟଗଡ଼ ବ୍ଲକ ପକାରୀ, ଡେମିଙ୍ଗିଆ, ଗଣ୍ଡିଗୁଡ଼ାଠାରୁ ପାଙ୍ଗାଲି, ଜାତୀୟ ରାଜପଥଠାରୁ ଭ୍ରମରବାଡ଼ି, ଝିଞ୍ଜିରିଗୁଡ଼ାଠାରୁ କାଟିଙ୍ଗିଆ, ବ୍ରାହ୍ମଣୀଗାଁଠାରୁ କିରାମାହା ହୋଇ ନୂଆଗାଁ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଗାଡ଼ିମୋଟର ଯାତାୟାତରେ ସମସ୍ୟା ହେଉଛି। ସିମନବାଡ଼ି -ବାଡାବାଙ୍ଗା ମଧ୍ୟସ୍ଥ ଗଦଡ଼ିଠାରେ ନିର୍ମିତ ପୋଲର ସଂଯୋଗୀକରଣ ରାସ୍ତା ଧୋଇଯାଇଛି। ତାଜୁଙ୍ଗିଆ ପଞ୍ଚାୟତ ହେଡକ୍ୱାଟରକୁ ସବୁଦିନିଆ ଭଲ ରାସ୍ତା ନ ଥିବାରୁ ଗ୍ରାମବାସୀ ବହୁ ହଇରାଣ ହେଉଛନ୍ତି। ଏଥିପାଇଁ ଜିଲା ପ୍ରଶାସନ ୧୦ଲକ୍ଷ ଟଙ୍କା ଅନୁମୋଦନ କରିଥିଲେ ସୁଦ୍ଧା କାର୍ଯ୍ୟ ଆରମ୍ଭରେ ବିଳମ୍ବ ହେଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ପୂର୍ବତନ ସରପଞ୍ଚ ଜୁନସ ମୁଠାମାଝି, ସରପଞ୍ଚ ସୁବାଜିନୀ ମୁଠାମାଝି ପ୍ରମୁଖ ଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ବିଡିଓଙ୍କ ନିକଟରେ ନିବେଦନ କରିଛନ୍ତି। ସେହିପରି ବୁଡାଗୁଡ଼ାଠାରୁ ପକାରୀ ୧୨ କି.ମି ରାସ୍ତା ମଧ୍ୟରୁ ପ୍ରାୟ ୭ କିମି ରାସ୍ତା ମରଣଯନ୍ତା ପାଲଟିଛି। ୧୯୯୯ ମସିହାରେ ଉକ୍ତ ରାସ୍ତା ପଞ୍ଚାୟତରୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ହୋଇ ପିଚୁ କରାଯାଇଥିଲା ବୋଲି ଗ୍ରାମର ତାରାବତୀ ନାୟକ କହିଛନ୍ତି। ତାହା ପରଠାରୁ ଆଉ ଉକ୍ତ ରାସ୍ତା ମରାମତି କରାଯାଉନାହିଁ। ରାସ୍ତାରୁ ପିଚୁ ସହ ମେଟାଲ ଉଠି ଯାତାୟତରେ ସମସ୍ୟା ହେଉଥିବା ଗ୍ରାମର କବିଚନ୍ଦ୍ର ନାୟକ, ପ୍ରଫୁଲ୍ଲ ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀଙ୍କ ହିତକୁ ଦୃଷ୍ଟିରେ ରଖି ତୁରନ୍ତ ରାସ୍ତାଗୁଡିକର ମରାରମତି ଲାଗି ଜିଲା ପ୍ରଶାସନ ନିର୍ଦ୍ଦେଶ ଦେବା ଆବଶ୍ୟକ ବୋଲି ବ୍ଲକ ଉପାଧ୍ୟକ୍ଷ ରମାକାନ୍ତ ବଳିଆର ସିଂ କହିଛନ୍ତି।


ବୁଡାଗୁଡ଼ା-ଡେମିଙ୍ଗିଆ ରାସ୍ତାରେ ହୋଇଥିବା ଖାଲଖମା।

## ସଂକ୍ଷେପରେ

### ବନ ବିଭାଗ ପକ୍ଷରୁ ଟିକାକରଣ କାର୍ଯ୍ୟକ୍ରମ

ବୁଗୁଡ଼ା,୧୦।୯(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ଅନ୍ତରପଡ଼ା, ବଳ୍ପିପଲ୍ଲୀ ଓ କନ୍ଧଚନ୍ଦନପେଢ଼ୀ ଗ୍ରାମରେ ଶନିବାର ଗୃହପାଳିତ ପ୍ରାଣୀମାନଙ୍କର ମାଗଣା ଚିକିତ୍ସା ଓ ଟୀକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡେପୁଟି ରେଞ୍ଜର ଦୁଃଶାସନ ନାୟକ, ପ୍ରାଣୀ ସମ୍ପଦ ଅଧିକାରୀ ଲକ୍ଷ୍ମୀଧର ବେହେରା, ବୁଗୁଡ଼ା ବନପାଳ ସୁକାନ୍ତ କୁମାର ପଟ୍ଟନାୟକ, ବାଲିପଦର ବନପାଳ ବଳରାମ ପାତ୍ରଙ୍କ ସହ ଅନ୍ୟ ବନ କର୍ମଚାରୀ ଓ ପ୍ରାଣୀ ସମ୍ପଦ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ପ୍ରାଣୀଙ୍କ ପରୀକ୍ଷା କରାଯାଇ ଟୀକାକରଣ କରାଯାଇଥିଲା। ଉକ୍ତ ଗ୍ରାମମାନଙ୍କରେ ବିରଳ କୃଷ୍ଣସାର ମୃଗକୁ ସୁରକ୍ଷା ଦେଉଥିବାରୁ ସେମାନଙ୍କର ଗୋରୁ, ଛେଳି, ମେଣ୍ଢାଙ୍କର ମାଗଣା ଚିକିତ୍ସା କରାଯାଇଥିଲା ବୋଲି ବନାଞ୍ଚଳ ଅଧିକାରୀ କହିଛନ୍ତି।

### ଶ୍ରୀଗଣେଶ ପୂଜା ମହୋତ୍ସବ ପ୍ରସ୍ତୁତି

ଦିଗପହଣ୍ଡି,୧୦।୯(ଡି.ଏନ.ଏ.): ଦିଗପହଣ୍ଡି ବଜାର ସାହି ଗଣେଶ ପୂଜା କମିଟି ପକ୍ଷରୁ ଚଳିତବର୍ଷ ବିଦ୍ୟାଦାତାଙ୍କ ପୂଜା ମହୋତ୍ସବ ପାଇଁ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। ସୂଚାରୁ ରୂପେ ପୂଜା ସମ୍ପାଦନ ନିମନ୍ତେ ଆଲୋଚନା କରାଯାଇଥିଲା। ବିଚିତ୍ର ପଟ୍ଟନାୟକ, ସୁଧାଂଶୁ ପାଣିଗ୍ରାହୀ, ଆଶିଷ ପଟ୍ଟନାୟକ, ପ୍ରଦୀପ ପଣ୍ଡା, ଲଲାଟେନ୍ଦୁ ପ୍ରଧାନ, ରଞ୍ଜିତ ବେହେରା, ବିରେନ୍ଦ୍ର ସିଂ, ପିନାକ ପାଣିଗ୍ରାହୀ, ପ୍ରଭାକର ରେଡ୍ଡୀ, ନରେନ୍ଦ୍ର ସାହୁ, ଶିବ ଶଙ୍କର ଗୌଡ଼ ପ୍ରମୁଖ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବଜାର ଗାନ୍ଧୀ ଛକରେ ପୂଜା ମଣ୍ଡପ ନିର୍ମାଣ ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଚଳିତ ବର୍ଷ ୫ ଦିନ ବ୍ୟାପି ମହୋତ୍ସବ ପାଳନ ପାଇଁ ନିଷ୍ପତ୍ତି ହୋଇଛି।

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଭଞ୍ଜନଗର,୧୦।୯(ଡି.ଏନ.ଏ.)-ତାରସିଂ ଥାନା ଅନ୍ତର୍ଗତ ବାଦୁଆ ଗ୍ରାମର ଜଣେ ଯୁବକଙ୍କର ରବିବାର ରାତିରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ମୁନା ପ୍ରଧାନ। ବାଇକ୍ ପଛରେ ବସିଥିବା ତାଙ୍କର ଜଣେ ସାଙ୍ଗ ଆହତ ହୋଇଛନ୍ତି। ଖବରପାଇ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଥିଲା। ମୁନା ଓ ତାଙ୍କ ସାଙ୍ଗ ମିଶି ରବିବାର ରାତି ପ୍ରାୟ ସାଢ଼େ ୯ଟାରେ ବାଇକ୍‌ରେ ବେଲଗୁଣ୍ଠାରୁ ଗ୍ରାମ ଅଭିମୁଖେ ଯାଉଥିଲେ‌ତ୍। ସମରବନ୍ଧଠାରେ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଫଳରେ ଉଭୟେ ଆହତ ହୋଇଥିଲେ। ସେମାନଙ୍କୁ ଭଞ୍ଜନଗର ହସ୍ପିଟାଲକୁ ଅଣାଯାଇଥିଲା। ସେଠାରେ ମୁନାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।

### ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ପାଳନ

ଆସିକା,୧୦।୯ (ଡି.ଏନ୍.ଏ.) ଆସିକା ଦିବ୍ୟଜୀବନ ସଂଘ ସମେତ ଆସିକା ଦିବ୍ୟ ଜିଲା ଅନ୍ତର୍ଗତ ବିଭିନ୍ନ ସଂଘରେ ଶନିବାର ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ୧୩୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଭୋର ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଋଷିକେଶ ମୁଖ୍ୟ କାର୍ଯ୍ୟାଳୟର ବରିଷ୍ଠ ସନ୍ଥ ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲା ବେଳେ ସମ୍ମାନିତ ଅତିଥି ରୂପେ ରାଜ୍ୟ ସଂଗଠକ ଜୟଚନ୍ଦ୍ର ନାୟକ ଯୋଗଦେଇ ସ୍ୱାମୀଜୀଙ୍କ ଜୀବନୀ ଆଦର୍ଶ, ଉପଦେଶ ଓ ଆଧାତ୍ମିକ ପଥ ଉପରେ ଆଲୋକପାତ କରିଥିଲେ । ଦେବହରି ମହାନ୍ତି, ବିଜୟ୍ ଚନ୍ଦ୍ର ଦାସ, ପ୍ରଫୁଲ୍ଲ ପାଣିଗ୍ରାହୀ, ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଓକିଲ ସଂଘର କାର୍ଯ୍ୟବନ୍ଦ

ଶେରଗଡ,୧୦।୯(ଡି.ଏନ୍.ଏ): କଟକରେ ଜଣେ ଓକିଲଙ୍କୁ ପୋଲିସର ମାଡ଼ ପ୍ରତିବାଦରେ ୧୫ ଦିନ ହେଲା ହାଇକୋର୍ଟ ବନ୍ଦ ରହିଛି। ପୋଲିସ ମାଡ଼ ଘଟଣାକୁ ଶେରଗଡ ବାରର ଓକିଲ ମାନେ ତୀବ୍ର ନିନ୍ଦା କରିଛନ୍ତି। ଉକ୍ତ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ସହ ଅଭିଯୁକ୍ତଙ୍କୁ ଦଣ୍ଡ ଦିଆଯାଉ ବୋଲି ଶେରଗଡ ବାର ଆସୋସିଏଶନ ପକ୍ଷରୁ କୁହାଯାଇଛି । ସୋମବାର ସମସ୍ତ ଓକିଲ ଏକଜୁଟ ହୋଇ ଶେରଗଡରେ ମାଜିଷ୍ଟ୍ରେଟ କୋର୍ଟ ବର୍ଜନ କରିବା ସହ ବନ୍ଦ କରିଛନ୍ତି। ମଙ୍ଗଳବାର ଓ ବୁଧବାର ମଧ କୋର୍ଟ ବନ୍ଦ ରହିବ ବୋଲି ସଂଘ ପକ୍ଷରୁ ସଭାପତି ରାଧାକୃଷ୍ଣ ଡାକୁଆ, ସମ୍ପାଦକ ରାଘବାନନ୍ଦ ପଶୁପାଳକ, ଗୌରହରି ବିଷୋୟୀ, ରାମଚନ୍ଦ୍ର ଜେନା ପ୍ରମୁଖ କହିଛନ୍ତି।

## ଜିଲାପାଳଙ୍କୁ ଭେଟିଲା ଓକିଲ ସଂଘ

# ପ୍ରସ୍ତାବିତ କୋର୍ଟ କୋଠା ପାଇଁ ଜମି ନ ଦେଲେ ଆନ୍ଦୋଳନ

ଛତ୍ରପୁର,୧୦।୯(ଡି.ଏନ.ଏ):

ଛତ୍ରପୁର ଓକିଲ ସଂଘର ଏକ ପ୍ରତିନିଧି ଦଳ ସୋମବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ବାସଭବନରେ ଭେଟି ନୂତନ କୋର୍ଟ କୋଠା ପାଇଁ ଜମି ପ୍ରଦାନ ନିମନ୍ତେ ଦାବିପତ୍ର ପ୍ରଦାନ କରିଛନ୍ତି। ସିନ୍ଦରାପଲ୍ଲୀଠାରେ ପ୍ରସ୍ତାବିତ ଜମିକୁ ତହସିଲଦାର ନାକଚ କରିଥିବାରୁ ଓକିଲମାନେ କ୍ଷୋଭ ପ୍ରକାଶ କରିଥିଲେ। ସିନ୍ଦରାପଲ୍ଲୀ ମୌଜା ୨୦୧ ପଟ୍ଟାର ୧୫୫ ପ୍ଲଟ୍ ପୂର୍ବରୁ ତତ୍କାଳୀନ ଜିଲାପାଳ କ୍ରିଷନ କୁମାରଙ୍କ ସମୟରେ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ପାଇଁ ଜମି ପ୍ରସ୍ତାବ ଦିଆଯାଇଥିଲା । ଏବେ କିଭଳି ମନା କରାଯାଉଛି ତାହା ଓକିଲମାନେ ପ୍ରଶ୍ନ କରିଥିଲେ । ଜନସାଧାରଣଙ୍କ ଗମନାଗମନ ଓ ଯାତାୟାତ ଦୃଷ୍ଟିରୁ କମ୍ ଦୂରତାରେ ଥିବା ଛତ୍ରପୁର ପୁରୁଣା ବସଷ୍ଟାଣ୍ଡସ୍ଥିତ ପୁରୁଣା କୋର୍ଟ ପରିସର ଓ ବର୍ତ୍ତମାନର କୋର୍ଟ କୋଠା ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିବା ସ୍ଥଳେ ବିକଳ୍ପ ଭାବେ ସିନ୍ଦରାପଲ୍ଲୀ ମୌଜାର ୧୯୯ ପଟ୍ଟାର ୧୨୮ ପ୍ଲଟ୍‌ରେ ୩ ଏକର ଜମି ତୁରନ୍ତ ପ୍ରଦାନ କରିବା ପାଇଁ ଦାବି ହୋଇଛି। ଆସନ୍ତା ୭ ଦିନ ମଧ୍ୟରେ ଜମି ଯୋଗାଇ ନ ଦେଲେ ୧୭ ତାରିଖରୁ ଓକିଲ ସଂଘ କାର୍ଯ୍ୟ ବନ୍ଦ କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏଥିରେ ଜନସାଧାରଣ ସହଯୋଗ କରିବାକୁ ନିବେଦନ କରାଯାଇଛି । ଓକିଲ ସଂଘର ସଭାପତି କେ. ଶିବରାମ ରେଡ୍ଡୀ, ସମ୍ପାଦକ ଶ୍ୟାମ କୁମାର ରାଓ, ଓକିଲ କୃଷ୍ଣ ଚନ୍ଦ୍ର ସାହୁ, ପ୍ରଦୀପ କୁମାର ପାଢୀ, ଶ୍ୟାମ ସୁନ୍ଦର ପଟ୍ଟନାୟକ, କେ. କମଳଲୋଚନ ଦାଶ, ବ୍ରଜମୋହନ ଆଚାର୍ଯ୍ୟ, ସନ୍ତୋଷ ସାହୁ, ଶିବ ପ୍ରସାଦ ସାହୁ, ସୀମାଞ୍ଚଳ ମହାପାତ୍ର, ପର୍ଶୁରାମ ରେଡ୍ଡୀ, କାଳୀ ପ୍ରସାଦ ଦାଶ, କୃଷ୍ଣ ଚନ୍ଦ୍ର ବେହେରା, ମନୋଜ ବେହେରା, ଟି. ମୋହନ ରେଡ୍ଡୀ, ସଞ୍ଜୟ କୁମାର ବେହେରା, ପି. ଧର୍ମା ରେଡ୍ଡୀ ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ ।

## ଛତ୍ରପୁର ଏନ୍‌ଏସି ସମ୍ପୂର୍ଣ୍ଣ ବାହ୍ୟ ମଳମୁକ୍ତ ଘୋଷଣା



ସଭାରେ ଜିଲାପାଳ ଉଦବୋଧନ ଦେଉଛନ୍ତି।

ଛତ୍ରପୁର,୧୦।୯(ଡି.ଏନ.ଏ.)

ଗଞ୍ଜାମ ଜିଲାର ଛତ୍ରପୁର ଏନଏସିକୁ ସମ୍ପୂର୍ଣ୍ଣ ବାହ୍ୟ ମଳମୁକ୍ତ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଛତ୍ରପୁରସ୍ଥିତ କଲ୍ୟାଣ ମଣ୍ଡପରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ସହରକୁ ସ୍ୱଚ୍ଛ ରଖିବାକୁ କହିଥିଲେ। ଛତ୍ରପୁରକୁ ସମ୍ପୂର୍ଣ୍ଣ ବାହ୍ୟ ମଳମୁକ୍ତ ସହର କରାଯାଇଥିବାରୁ କର୍ମଚାରୀ ଓ ଜନସାଧାରଣଙ୍କୁ ସାଧୁବାଦ ଜଣାଇଥିଲେ। ଛତ୍ରପୁର ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ଏହି ନାରା ରହିଛି, ପାଇଖାନା ବ୍ୟବହାର କଲେ ଶରୀର ସୁସ୍ଥ ରହିବ ବୋଲି କହିଥିଲେ । ସଭାରେ ଛତ୍ରପୁର ଏନଏସି ଅଧକ୍ଷା ଜି. ଆରତୀ, ଉପାଧ୍ୟକ୍ଷ ପ୍ରଦୋଷ ବେହେରା, ଗଞ୍ଜାମ ଏନଏସି ଅଧକ୍ଷା ଊର୍ମିଳା ପଲେଇ, ଡ୍ରଡାର ପ୍ରକଳ୍ପ ସଂଯୋଜକ ସବ୍ୟସାଚୀ ହୋତା, ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ଡେପୁଟି କଲେକ୍ଟର ବିଜୟାନନ୍ଦ ସେଠୀ, ଛତ୍ରପୁର ଏନଏସି ଅଧୀନ ୧୪ ୱାର୍ଡର ସ୍ୱେଚ୍ଛାଗ୍ରାହୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ଦାରିଙ୍ଗବାଡ଼ି ଓକିଲ ସଂଘର ୩ ଦିନ କୋର୍ଟ ବର୍ଜନ

# ବିଚାରପତିଙ୍କୁ ଦାବିପତ୍ର ପ୍ରଦାନ

ଦାରିଙ୍ଗବାଡ଼ି,୧୦।୯(ଡି.ଏନ.ଏ.)



ଓକିଲ ସଂଘ ପକ୍ଷରୁ କୋର୍ଟର ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଦାରିଙ୍ଗବାଡ଼ି ଓକିଲ ସଂଘ ପକ୍ଷରୁ ସୋମବାରରୁ ବୁଧବାର ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ବିଚାର ବିଭାଗ ମୁଖ୍ୟ ଫାଟକରେ ତାଲା ପକାଯାଇ କୋର୍ଟକୁ ଅଚଳ କରାଯାଇଥିବା ସଂଘ ସମ୍ପାଦକ ପ୍ରବୀର କୁମାର ସାହୁ ସୂଚନା ଦେଇଛନ୍ତି । ଠିକ ସମୟରେ କୋର୍ଟକୁ ବିଚାରପତି ଲିପା ମହାନ୍ତି ଆସି ପହଞ୍ଚିଥିଲେ । ସେହି ସମୟରେ ଓକିଲ ସଂଘ ପକ୍ଷରୁ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରାଯାଉଥିଲା । ସଂଘ ସଦସ୍ୟମାନେ ଭିତରକୁ ଯିବାକୁ ଦେଇ ନ ଥିବା ବେଳେ ଏକ ଦାବିପତ୍ର ଦେଇ ୩ଦିନ କାର୍ଯ୍ୟ ବନ୍ଦ ରଖିବାକୁ ଜଣାଇଥିଲେ । ଆନ୍ଦୋଳନରେ ସଂଘ ସମ୍ପାଦକ ପ୍ରବୀର କୁମାର ସାହୁଙ୍କ ସମେତ ସଭାପତି ପ୍ରଧାନ, ଉପସଭାପତି ଟିପୁସୁଲତାନ ନାୟକ, ସହ ସମ୍ପାଦକ ସୁବର୍ଣ୍ଣ ବାଗ୍ ସିଂ, କୋଷାଧ୍ୟକ୍ଷ ହରେନ ସାହୁ, ପ୍ରଦୀପ କୁମାର ସାହୁ, ବରିଷ୍ଠ ଓକିଲ ଉମେଶ କର,ମନୋଜ ପଣ୍ଡା ଓ ରାମ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ହାଇକୋର୍ଟର ଜଣେ କାର୍ଯ୍ୟରତ ଓକିଲଙ୍କୁ ପୋଲିସର ମାଡ଼ ଘଟଣାର ତୀବ୍ର ନିନ୍ଦା କରାଯିବା ସହ ଗିରଫ ଦାବିରେ ଆନ୍ଦୋଳନ କରାଯାଇଛି।

## ବାଇକ୍‌କୁ ଧକ୍କାଦେଲା କାର୍; ଜଣେ ମୃତ, ଜଣେ ଗୁରୁତର

ଗୋପାଳପୁର,୧୦।୯

୫୯ନଂ ଜାତୀୟ ରାଜପଥର ନାରାୟଣପୁର ଛକ ନିକଟରେ ରବିବାର ରାତିରେ ଏକ ବାଇକ୍ ପଛରେ କାର୍ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବାଇକ୍ ଚାଳକ ଗୋପାଳପୁର ଅଞ୍ଚଳର ଅବଦୁଲ ଅଲିମ। ଗୁରୁତର ଆହତ ସିଏଚ୍ ରାଜେଶଙ୍କୁ ଚିକିତ୍ସା ଲାଗି ବିଶାଖାପାଟଣା ପଠାଯାଇଛି। ରବିବାର ରାତି ପ୍ରାୟ ୧୧ଟାରେ ବ୍ରହ୍ମପୁରରୁ କାମ ସାରି ଉଭୟେ ବାଇକ ଯୋଗେ ଘରକୁ ଆସୁଥିବା ବେଳେ ନାରାୟଣପୁର ଛକ ନିକଟରେ କୁକୁରକୁ ଦେଖି ବାଇକ ଚାଳକ ହଠାତ୍ ବ୍ରେକ ଦେଇଥିଲେ। ଏହି ସମୟରେ ପଛପଟୁ ଆସୁଥିବା ଏକ କାର୍ ବାଇକକୁ ଧକ୍କା ଦେଇ ପଳାଇଥିଲା । ଫଳରେ ଅବଦୁଲ ଓ ରାଜେଶ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବଦୁଲଙ୍କ ମୃତ୍ୟୁ ଘଟିଥିଲା। ରାଜେଶ ଗୁରୁତର ଥିବାରୁ ବିଶାଖାପାଟଣା ସ୍ଥାନାନ୍ତର ହୋଇଛନ୍ତି। ଏ ନେଇ ଗୋପାଳପୁର ଥାନାରେ ନଂ.୧୧୦/୧୮ରେ ମାମଲା ରୁଜୁ ହୋଇଛି।

## ଆମ ଗାଁ ଆମ ବିକାଶ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

ଭଞ୍ଜନଗର,୧୦।୯(ଡି.ଏନ.ଏ.)

ବେଲଗୁଣ୍ଠା ବ୍ଲକ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ୧୮ ତାରିଖରେ ହେବ। ଏ ନେଇ ବେଲଗୁଣ୍ଠା ବ୍ଲକ ପଡ଼ିଆରେ ଏକ ସାଧାରଣ ସଭା ହେବ। ଲୋକ ପ୍ରତିନିଧି ଏବଂ ସାଧାରଣଜନତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସିଧା ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ କଥା ହେବେ। ଏଥିପାଇଁ ରବିବାର କ୍ଷତ୍ରିୟବରପୁର ଠାରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଅଧ୍ୟକ୍ଷତା କରି ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ପ୍ରତିନିଧି ପ୍ରଶାନ୍ତ ନାୟକ, ଜିଲା ପରିଷଦ ସଭ୍ୟା ଲକ୍ଷ୍ମି ବେହେରା, ସରପଞ୍ଚ ରାଜେନ୍ଦ୍ର ଗୌଡ଼ ପ୍ରମୁଖ ଯୋଗ ଦେଇଥିଲେ।

## ବିଦ୍ୟୁତ୍ ତାରରେ ୭ ବାର୍‌ହା ଶିକାର, ଜଣେ ଅଟକ

ପୁରୁଷୋତ୍ତମପୁର,୧୦।୯(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ବ୍ଲକ ତଥା କବିସୂର୍ଯ୍ୟନଗର ଥାନା ଅନ୍ତରିଗାଁ ପଞ୍ଚାୟତ ଏ.ଗୋବିନ୍ଦ ପୁର ଗ୍ରାମରେ ସୋମବାର ବିଦ୍ୟୁତ ତାର ଫାସ ବସାଇ ୭ ବାର୍‌ହାଶିକାର କରି ମାଂସ ବିକ୍ରି କରୁଥିବା ଅଭିଯୋଗରେ ବନ ବିଭାଗ ଜଣଙ୍କୁ କାବୁ କରିଛି। ରଣଝାଲି ବିଟ୍‌ର ଗାର୍ଡ଼ ଲିଜାରାଣି ପାଣିଗ୍ରାହୀ, ଜମୁନା ଜାନି ଚଢ଼ାଉ କରି ତାଙ୍କୁ କାବୁ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ୬ ବାରହା ମୁଣ୍ଡ, ଚମଡା, ବିଦ୍ୟୁତ ତାର ଜବତ ହୋଇଛି। ଏହି ଘଟଣାରେ ଅନ୍ୟ ୫ ଜଣ ଫେରାର୍ ଅଛନ୍ତି। ମୃତ ବାରହା ବ୍ୟବଚ୍ଛେଦ ପରେ ୨ଟି ବାର୍‌ହା ଦେଢ଼ରୁ ୨ବର୍ଷ ଓ ଅନ୍ୟ ୫ଟି ୩ରୁ୪ ମାସର ଥିଲେ ବୋଲି ପୁରୁଷୋତ୍ତମପୁର ପ୍ରାଣୀ ଚିକିତ୍ସାଧିକାରୀ ଶରତଚନ୍ଦ୍ର ବେହେରା କହିଛନ୍ତି। ଅଟକ ବ୍ୟକ୍ତିଙ୍କ ବୟାନକ୍ରମେ ତଦନ୍ତ କରାଯିବା ସହ ଅନ୍ୟ ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଫରେଷ୍ଟର ଶିବ ବେହେରା କହିଛନ୍ତି।

# ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ



ଚେକ୍ ପ୍ରଦାନ କରୁଛନ୍ତି ବିଧାୟକ ।

**କୁର୍ନୁଲ ଖଣି ବିସ୍ଫୋରଣ ଘଟଣା**

ଗଞ୍ଜାମ,୧୦।୯(ଡି.ଏନ.ଏ.)

ଆନ୍ଧ୍ରପ୍ରଦେଶ କୁର୍ନୁଲ ଜିଲା ହାଥୀବେଲ ଗାମରେ ଏକ ପଥର ଖାଦାନରେ ଅଗଷ୍ଟ ୪ ତାରିଖରେ ବିସ୍ଫୋରଣ ଘଟିଥିଲା । ଏଥିରେ ରମ୍ଭା ଅଞ୍ଚଳର ୬ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା । ସେମାନଙ୍କ ମଧ୍ୟରୁ ଝାରେଡ଼ି ରାଧାଗୋବିନ୍ଦପୁର ଗ୍ରାମର ରାଜେନ୍ଦ୍ର ନାହାକ, ବି.ଟି. ନୂଆଗାଁର ଦୁର୍ଯ୍ୟୋଧନ ନାହାକ ପୂର୍ବରୁ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିଜର ଲେବର କାର୍ଡ ପଞ୍ଜୀକରଣ କରିଥିଲେ। ତେଣୁ ମୃତ ରାଜେନ୍ଦ୍ରଙ୍କ ସ୍ତ୍ରୀ ରମା ଓ ମୃତ ଦୁର୍ଯ୍ୟୋଧନଙ୍କ ସ୍ତ୍ରୀ ପ୍ରେମଲତାଙ୍କୁ ଜିଲା ଶ୍ରମ ବିଭାଗ ପକ୍ଷରୁ ୧ ଲକ୍ଷ ୫ ହଜାର ଟଙ୍କା ଲେଖାଏର ଚେକ୍ ପ୍ରଦାନ କରାଯାଇଛି । ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ, ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ ସୋମବାର ଉକ୍ତ ଗ୍ରାମକୁ ଯାଇ ଚେକ୍ ପ୍ରଦାନ କରିଥିଲେ । ର ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଆର. ଭାଗ୍ୟ ରେଡ୍ଡୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ସାହୁ, ହୁମ୍ମା ସରପଞ୍ଚ ଚନ୍ଦ୍ରମୋହନ ସାହୁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ବିଜୁ କନ୍ୟାରତ୍ନ ସଚେତନତା ସଭା

ଶେରଗଡ,୧୦।୯(ଡି.ଏନ୍.ଏ)

ଶେରଗଡ ଶ୍ରୀପଦମଞ୍ଜରୀ ନୋଡାଲ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଶନିବାର ବିଜୁ କନ୍ୟାରତ୍ନ ଯୋଜନା ଉପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାମଲ ଅଧକ୍ଷତା କରିଥିଲେ। ସିଆର୍‌ସିସି ଅନିଲ କୁମାର ତ୍ରିପାଠୀ ଓ ସୁପରଭାଇଜର ଗେଲିସାରିଆଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବାଳିକା ମାନଙ୍କୁ ସବୁ କ୍ଷେତ୍ରରେ ସମ୍ମାନ ଜଣାଇବା, ପାଠ ପଢା କ୍ଷେତ୍ରରେ ପ୍ରାଧାନ୍ୟ ଦେବା, ସମାଜରେ ବାଳିକା ମାନଙ୍କୁ ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଦେବା ନେଇ ସଚେତନ କରାଯାଇଥିଲା। ଉକ୍ତ ବିଦ୍ୟାଳୟର ସମସ୍ତ ଛାତ୍ରୀ ମାନେ ଉପସ୍ଥିତ ଥିଲେ।

# ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ରହୁ ନ ଥିବା ଅଭିଯୋଗ

ବେଗୁନିଆପଡ଼ା,୧୦।୯(ଡି.ଏନ.ଏ.)

ସରକାର କୋମଳମତି ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ସହ ଶିକ୍ଷା ସ୍ରୋତକୁ ଆଣିବା ପାଇଁ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିଛନ୍ତି। ହେଲେ କେତେକ କର୍ମୀଙ୍କ ମନମୁଖୀ କାର୍ଯ୍ୟ ଓ ଅନୁପସ୍ଥିତି ଯୋଗୁ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଏଭଳି ଏକ ଘଟଣା ଘଟିଛି ବେଗୁନିଆପଡ଼ା ବ୍ଲକ ଚିଙ୍ଗୁଡ଼ିଖୋଲ ପଞ୍ଚାୟତର ଅଙ୍ଗନୱାଡ଼ି କେନ୍ଦ୍ର-୩ରେ। ଏଠାରେ ଅଙ୍ଗନୱାଡ଼ି କର୍ମୀ ଭାବେ ଦେବଯାନୀ ଦାସ ଓ ସହାୟିକା ଭାବେ ତନୟା ରାଉତ ନିଯୁକ୍ତି ପାଇଛନ୍ତି। ଶନିବାର ସୁପରଭାଇଜର ତପସ୍ୱିନି ସେନାପତି କେନ୍ଦ୍ର ପରିଦର୍ଶନରେ ଯାଇଥିବାବେଳେ ଶନିବାର ଅଣ୍ଡା ତରକାରି ଦେବାର ନିୟମ ଥିଲେ ମଧ୍ୟ ଅଣ୍ଡା ଦିଆଯାଇ ନ ଥିବା ଓ ଅଙ୍ଗନୱାଡ଼ି କର୍ମୀ ଅନୁପସ୍ଥିତ ଥିବା ଅଭିଭାବକମାନେ ଅଭିଯୋଗ କରିଥିଲେ। କର୍ମୀଙ୍କ ଅନୁପସ୍ଥିତିର କାରଣ ସହାୟିକାଙ୍କୁ ପଚାରିବାରୁ ସେ କହିଲେ ତାଙ୍କ ପିଲାର ଦେହ ଖରାପ ହେବାରୁ ମେଡିକାଲ ଯାଇଛନ୍ତି ବୋଲି ଫୋନ କରି କହିଥିଲେ। କିନ୍ତୁ କର୍ମୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ, ମୁଁ ସେଣ୍ଟରକୁ ଯାଇଥିଲି ମୋର ଦେହ ଖରାପ ହେବାରୁ ସହାୟିକାଙ୍କୁ କହି ପଳାଇ ଆସିଲି। ଅଣ୍ଡା ନ ଦେବା ସମ୍ପର୍କରେ ପଚାରିବାରୁ ୧୧ଜଣ ପିଲା ଉପସ୍ଥିତ ଥିଲେ, ସେମାନଙ୍କୁ ସିଝା ଅଣ୍ଡା ଦେଇଛୁ ବୋଲି କହିଥିଲେ। ମାତ୍ର ୯ଜଣ ପିଲା ଉପସ୍ଥିତ ଥିବା ଓ ପିଲାଙ୍କୁ ଆଦୌ ଅଣ୍ଡା ଦିଆଯାଇନଥିବା ସୁପରଭାଇଜର ପିଲାଙ୍କ ଖାଇବା ଥାଳିର ଫଟୋ ଦେଖାଇ କହିଥିଲେ। ଅଙ୍ଗନୱାଡ଼ି କର୍ମୀ ଅନୁପସ୍ଥିତ ରହିବା ନେଇ ସୁପରଭାଇଜର କିମ୍ବା ସିଡିପିଓଙ୍କୁ ଜଣାଇବାର ନିୟମ ଥିଲେ ମଧ ସେ ଜଣାଇ ନ ଥିବା କହିଥିଲେ। ଏ ସମ୍ପର୍କରେ ସିଡିପିଓ ସନ୍ଧ୍ୟାରାଣୀ ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଲେ, ସୁପରଭାଇଜରଙ୍କ ରିପୋର୍ଟ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ